# ଛଟେଇ ବିରୋଧରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ବିକ୍ଷୋଭ

**ପୁନଃ ନିଯୁକ୍ତି ପାଇଁ ଜିଲାପାଳ, ସିଡିଏମ୍‌ଓଙ୍କୁ ଦାବିପତ୍ର**

ରାୟଗଡ଼ା,୧୨।୯(ଆଶିଷ ରଞ୍ଜନ ପଣ୍ଡା)

ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ଆରମ୍ଭ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଆଉଟ୍‌ସୋର୍ସିଂ କର୍ମଚାରୀ ହିଁ ଭରସା ପାଲଟିଥିଲେ । ହେଲେ ଗତ ଅଗଷ୍ଟ ୩୧ ପରଠାରୁ ଜିଲାରେ ଆଉଟ୍‌ସୋର୍ସିଂରେ କାର୍ଯ୍ୟରତ ଏଏନ୍‌ଏମ୍, ଷ୍ଟାଫ୍ ନର୍ସ ଓ ଫାର୍ମାସିଷ୍ଟଙ୍କୁ ଛଟେଇ କରିଦିଆଯାଇଛି । ଫଳରେ ଜିଲାରେ ବିପର୍ଯ୍ୟସ୍ତ ହୋଇପଡ଼ିଛି ସ୍ୱାସ୍ଥ୍ୟସେବା । ତେଣୁ ଉକ୍ତ କର୍ମଚାରୀଙ୍କୁ ବାହାର କରାଯିବା ପ୍ରତିବାଦରେ ଏବଂ ପୁନଃ ନିଯୁକ୍ତି ଦାବିରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛଟେଇ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଜିଲା ମୁଖ୍ୟା ଚିକିତ୍ସାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରତିବାଦ ଜଣାଇଛନ୍ତି।

କୋଭିଡ୍ ମହାମାରୀ ସମୟରେ ଆମେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିଛୁ । ଯେକୌଣସି ଜରୁରିକାଳୀନ ସମୟରେ ଆମକୁ ବ୍ୟବହାର କରାଗଲା । ହେଲେ ଏବେ କୌଣସି କାରଣ ନ ଥାଇ ଆମ୍ଭମାନଙ୍କୁ ଛଟେଇ କରିଦିଆଯିବା ସହିତ ୩ ମାସର ଦରମା ପ୍ରଦାନ କରାଯାଇନାହିଁ ବୋଲି କର୍ମଚାରୀମାନେ ଅଭିଯୋଗ କରିଛନ୍ତି । ଏଭଳିକି ଆଗାମୀ ଦିନରେ ନୂତନ ଲୋକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରଚାର କରାଯାଉଛି। ବର୍ତ୍ତମାନ ବୟସ ଅତିକ୍ରମ କରିଥିବା କାରଣରୁ ନୂତନ ନିଯୁକ୍ତି ମିଳିବ ନାହିଁ। ତେଣୁ ଆମ ପରିସ୍ଥିତି କ'ଣ ହେବ ବୋଲି ଛଟେଇ କର୍ମଚାରୀମାନେ ପ୍ରଶ୍ନ କରିଛନ୍ତି । ସେମାନେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲାଲମୋହନ ରାଉତରାୟଙ୍କୁ ଭେଟି ସେମାନଙ୍କ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏ ନେଇ ବିଭାଗ ପକ୍ଷରୁ ସରକାରଙ୍କୁ ଅବଗତ କରାଇଛୁ। ସେଠାରୁ ନିର୍ଦ୍ଦେଶ ମିଳିଲେ ପୁନଃ ନିଯୁକ୍ତି ପ୍ରଦାନ କରାଯିବ ବୋଲି ଡା. ରାଉତରାୟ କହିଛନ୍ତି। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ଭେଟି ଅଭିଯୋଗ ଦାଖଲ କରିଥିଲେ। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ସେ କହିଥିଲେ। ଯଦି ତୁରନ୍ତ ନିଯୁକ୍ତି ଦିଆ ନ ଯାଏ ତେବେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ବିକ୍ଷୋଭକାରୀ ଚେତାବନୀ ଦେଇଛନ୍ତି। ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ମଧ୍ୟରେ ପ୍ରତିମା ପାଲକିଆ, ଗଙ୍ଗୋତ୍ରୀ ବେହେରା, ଶିବାନୀ ମହାନ୍ତି, ଗୌରି ମାଝୀ, ସଞ୍ଜୁକ୍ତା ତାଣ୍ଡି, ନମିତା ମାଝୀ, ସନ୍ତୋଷୀ ରୂପା, ସନ୍ଦୀପ କୁମାର ଗୌଡ, ସନ୍ତୋଷ କୁମାର ଚୌଧୁରୀ, ପଦ୍ମିନୀ ଗମାଙ୍ଗ, ଭାନୁମତି ଶବର, ଅନିତା ବାଗ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିବା ଆଉଟ୍‌ସୋର୍ସିଂ କର୍ମଚାରୀ।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ବ୍ୟକ୍ତିଙ୍କ ମୃତ୍ୟୁ

ମୁନିଗୁଡ଼ା,୧୨।୯ (ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡା ରେଳ ଷ୍ଟେଶନଠାରୁ ଅଳ୍ପ ଦୂରରେ ଥିବା ମୁନିଖୋଲ ରେଳ ଫାଟକ ନିକଟରେ ଟ୍ରେନ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ମୁନିଖୋଲ ଗ୍ରାମର ବୁଢୁ ଗୌଡ଼ ବୋଲି ଜିଆର୍‌ପି ସୂତ୍ରରୁ ସୂଚନା ମିଳିଛି। ଗୁରୁବାର ସକାଳୁ ବୁଢୁ କୌଣସି କାମରେ ଘରୁ ବାହାରି ଲାଇନ ପାରହୋଇ ଯାଉଥିବାବେଳେ ଡାଉନ ଲାଇନରେ କୌଣସି ଟ୍ରେନ୍ ତାକୁ ଧକ୍କାଦେଇଥିବା ଜଣାପଡ଼ିଛି। ତାଙ୍କୁ ଭଲ ଭାବରେ ଶୁଣାଯାଉ ନ ଥିବାରୁ ଏପରି ଦୁର୍ଘଟଣା ହୋଇଥାଇପାରେ ବୋଲି ଜିଆର୍‌ପି ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ରାସ୍ତାକଡ଼ରେ କୁଢ କୁଢ ଆବର୍ଜନା



ଟିକିରି, ୧୨।୯(ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଟିକିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଯିବା ରାସ୍ତାରେ କୁଢ଼ କୁଢ଼ ଆବର୍ଜନା ପଡି ରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ର ବହୁତ ହଇରାଣର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ କାଶି ବିଶ୍ୱନାଥ ମନ୍ଦିର ଯିବାକୁ ରାସ୍ତା ହୋଇଥିବାବେଳେ ଭକ୍ତମାନେ ମଧ ଏହି ରାସ୍ତା ଦେଇ ଯିବାକୁ ଅମଙ୍ଗ ହେଉଛନ୍ତି। ଟିକିରି ବଜାର, ଦୋକାନରୁ ବାହାରୁଥିବା ପଲିଥିନ, ପଚା ପରିବା, ଫଳମୂଳ ଆଦି ଏଠାରେ ପକାଉଛନ୍ତି। ଏହା ଉପରେ ସରପଞ୍ଚ, ବଣିକ ସଂଘ କିମ୍ବା କମ୍ପାନୀ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଏହାକୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଯଥାଶୀଘ୍ର ଆବର୍ଜନା ସଫା କରିବାକୁ ଦାବି ହେଉଛି।

### ରାସ୍ତାରୁ ପାଇଥିବା ମନିପର୍ସ ଫେରାଇଲେ ଆଇନଜୀବୀ



ରାୟଗଡ଼ା,୧୨।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଓକିଲ ସଂଘର ସମ୍ପାଦକ ବିଶ୍ୱନାଥ ଗନ୍ତାୟତଙ୍କୁ ରାସ୍ତାରୁ ଏକ ମନିପର୍ସ ମିଳିଥିଲା। ଯେଉଁଥିରେ ୩ ହଜାର ଟଙ୍କା, ଏଟିଏମ କାର୍ଡ, ପ୍ୟାନ କାର୍ଡ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମସହ ମୁନିଗୁଡାର ବିକାଶ ଶିକାଙ୍କ ଫୋନ ନମ୍ବର ମଧ ଥିଲା। ଆଇନଜୀବୀ ବିଶ୍ୱନାଥ ରାୟଗଡା କୋର୍ଟରୁ ବିକାଶଙ୍କୁ ଫୋନ କରି ତାଙ୍କ ହଜିଯାଇଥିବା ମନିପର୍ସ ପାଇଥିବା କହିଥିଲେ। ଗୁରୁବାର ବିକାଶ କୋର୍ଟକୁ ଆସି ଆଇନଜୀବୀ ବିଶ୍ୱନାଥଙ୍କୁ ଭେଟିବା ପରେ ସେ ପର୍ସ ସହ ସମସ୍ତ କାଗଜପତ୍ର ଫେରସ୍ତ କରିଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ଏହି ସମୟରେ ଓକିଲ ବ୍ରଜ ସୁନ୍ଦର ନାୟକ, କୃଷ୍ଣ ପ୍ରସାଦ ପାଢ଼ୀ, ପଦ୍ମନାଭ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କିଛିଦିନ ତଳେ ଆଇନଜୀବୀ ବିଶ୍ୱନାଥ ଜେକେପୁରର ଏକ ଦମ୍ପତିଙ୍କ ହଜିଥିବା ୧୬୫୦୦ ଟଙ୍କା ଓ ସୁନା ମୁଦି ଫେରେଇଥିଲେ। ବିଶ୍ୱନାଥ ଗନ୍ତାୟତଙ୍କ ବଦାନ୍ୟତାକୁ ଓକିଲ ଲାବଣ୍ୟ ମୋହନ ପଟ୍ଟନାୟକ ପ୍ରଶଂସା କରିଛନ୍ତି।

### ବନ ବିଭାଗ ଦ୍ୱାରା ଚାରା ବଣ୍ଟନ



ଟିକିରି, ୧୨।୯(ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ପଡାପାଡି ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷିରେ ଟିକିରି ରେଞ୍ଜର ଅନୀଲ ପାଣିଗ୍ରାହି ଙ୍କ ନିର୍ଦ୍ଦେଶରେ ଫରେଷ୍ଟର ଗୌତମ ପଣ୍ଡାଙ୍କ ନେତୃତ୍ୱରେ ପ୍ରାୟ ୪ଶହ ଚାରା ବଣ୍ଟନ କରିଥିଲେ। ଆମ୍ବ, ପଣସ, ସଜନା, ଅମୃତ ଭଣ୍ଡା,ବେଲ, ଅଁଳା ଆଦିର ଚାରା ଏସ୍‌ଏଚଜି ଗ୍ରୁପ,ଏମ୍‌ବିକେ, ଗ୍ରାମବାସୀଙ୍କୁ ବଣ୍ଟନ କରାଯାଇଥିଲା।

# ସହରରେ ବଢୁଛି ଚେନ୍ ଲୁଟେରାଙ୍କ ପ୍ରାଦୁର୍ଭାବ


କଳିଙ୍ଗ ବୈଶ୍ୟ ସଂଘ ସଭାପତିଙ୍କଠାରୁ ଟାଉନ ଥାନା ଆଇଆଇସି ଦାବିପତ୍ର ଗ୍ରହଣ କରୁଛନ୍ତି ।

**ଅଭିଯୁକ୍ତଙ୍କୁ ଗିରଫ ନେଇ ପୋଲିସକୁ ଦାବିପତ୍ର**

ରାୟଗଡ଼ା,୧୨।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ଚେନ୍ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ନିଛାଟିଆ ସ୍ଥାନରେ ଦୁର୍ବୃତ୍ତମାନେ ମହିଳା ବେକରୁ ସୁନା ଚେନ୍ ଝାମ୍ପି ନେଇ ବାଇକ୍ ଯୋଗେ ଫେରାର ହୋଇଯାଉଛନ୍ତି । ଚେନ୍ ଲୁଟେରାଙ୍କୁ ଗିରଫ ଦାବିରେ ରାୟଗଡ଼ା କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ଏକ ଦାବିପତ୍ର ଟାଉନ ଥାନା ଆଇଆଇସି କେକେବିକେ କହଁରଙ୍କୁ ପ୍ରଦାନ କରାଯାଇଛି।

ସହରରେ କିଛିଦିନ ହେଲା ବେଧଡ଼କ ଭାବେ ଚାଲୁଥିବା ଚେନ୍ ଛିନ୍‌ତାଇ ଘଟଣାକୁ ତୀବ୍ର ନିନ୍ଦା କରାଯିବା ସହିତ ସ୍ନାଚିଂ ଉଦ୍ୟମ କରିଥିବା ଦୁଇ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିବା ପାଇଁ ସଂଘ ଦାବି କରିଛି । ଏହାସହ ଦିବାଲୋକ ଓ ଅନ୍ଧାର ସମୟରେ ଚୋରି, ରାହାଜାନି ଓ ଚେନ୍ ସ୍ନାଚିଂ ବଢୁଥିବାରୁ ଜନସାଧାରଣ ଓ ମହିଳା ମର୍ନିଂ ୱାକ୍ ଓ ଜରୁରୀ କାମରେ ଯିବାକୁ ଭୟଭୀତ ମନେକରୁଛନ୍ତି । ତେଣୁ ପୋଲିସ ସହରବାସୀଙ୍କ ଧନଜୀବନ ସୁରକ୍ଷା ପ୍ରତି ଦୃଢ଼ ପଦକ୍ଷେପ ନେବାକୁ ସଂଘ ଦାବି କରିଛି । ପ୍ରକାଶ ଥାଉକି, ରାୟଗଡ଼ା ସହରର କିନ୍ତାଲି ଲାବନ୍ୟା ବୁଧବାର ସନ୍ଧ୍ୟା ୭ଟାରେ ଘରକୁ ଫେରିବା ସମୟରେ ପୁରୁଣା ପୋଲିସ ଷ୍ଟେଶନ ସାମ୍ନାରେ ଦୁଇଜଣ ଦୁର୍ବୃତ୍ତ ଏକ ମୋଟରସାଇକେଲରେ ଆସି ତାଙ୍କ ବେକରେ ଥିବା ସୁନାଚେନ୍‌କୁ ଟାଣିଥିଲେ। ତେବେ ଚେନ୍ ନେବାରେ ସଫଳ ହୋଇ ନ ଥିଲେ ହେଁ ଲାବନ୍ୟା ତଳେ ପଡ଼ି ଆହତ ହୋଇଥିଲେ। ଏ ନେଇ ଟାଉନ ଥାନା ଆଇଆଇସି କହଁରଙ୍କୁ ପଚାରିବାରୁ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଦୁର୍ବୃତ୍ତଙ୍କୁ ଖୋଜା ଚାଲିଛି ଏବଂ ସହରର ସୁରକ୍ଷା ପ୍ରତି ପୋଲିସ ସବୁବେଳେ ସଜାଗ ରହିଛି ବୋଲି କହିଛନ୍ତି ।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ

ରାୟଗଡ଼ା,୧୨।୯ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରସ୍ଥିତ କରଣସାହିରେ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଗୁଡୁଲା ଗେରୀ କୁମାରୀ (୬୧)। ସୂଚନାରୁ ଜଣାପଡ଼ିଛି, ଗୁରୁବାର ସକାଳୁ ଗେରୀ ଗାଧେଇବା ପାଇଁ ବାଲଟିରେ ୱାଟର ହିଟର ଲଗାଇ ପାଣି ଗରମ କରୁଥିଲେ। କିନ୍ତୁ ଅସାବଧାନତାବଶତଃ ବାଲ୍‌ଟିରେ ହାତ ମାରିଦେବାରୁ ବିଦ୍ୟୁତ୍ ଆଘାତରେ ତଳେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ



ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା । ଏ ସମ୍ପର୍କରେ ଏକ ମାମଲା ରୁଜୁକରି ରାୟଗଡ଼ା ପୋଲିସ ତଦନ୍ତ କରୁଛି ।

## କ୍ରେଡିଟ କାର୍ଡରୁ ୮୭ ହଜାର ଠକେଇ

ବ୍ରହ୍ମପୁର,୧୨।୯(ସୁବାସ ଚନ୍ଦ୍ର ପାଢ଼ୀ)

ଖୋଡାସିଂର ଜଣେ ବ୍ୟକ୍ତିଙ୍କ କ୍ରେଡିଟ କାର୍ଡରୁ ୮୭ ହଜାର ଟଙ୍କା ଠକେଇ ହୋଇଛି। ଦୁର୍ବୃତ୍ତ କ୍ରେଡିଟ କାର୍ଡର ନମ୍ବର ଏବଂ ପିନ ବ୍ୟବହାର କରି ମୋବାଇଲ ସହ ଅନ୍ୟାନ୍ୟ ସାମଗ୍ରୀ କିଣିଛନ୍ତି। ସପ୍ତାହେ ତଳେ ଖୋଡାସିଂର ଏହି ବ୍ୟକ୍ତିଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲା। ଯେଉଁଥିରେ ସେ ତାଙ୍କ କ୍ରେଡିଟ କାର୍ଡରୁ ୮୭ ହଜାର ଟଙ୍କା ଖର୍ଚ୍ଚ କରିଥିବା ଉଲ୍ଲେଖ ରହିଥିଲା। ତେବେ ସେ କୌଣସି ସାମଗ୍ରୀ କିଣିନଥିବା ବେଳେ କାର୍ଡରୁ କେମିତି ଟଙ୍କା କଟିଗଲା ସେ ନେଇ ସାଇବର ସେଲରେ ଅଭିଯୋଗ କରିଥିଲେ । ଯାଞ୍ଚ ପରେ କ୍ରେଡିଟ କାର୍ଡରୁ କଟକ ସ୍ଥିତ ରିଲାଏନ୍ସ ରିଟେଲରୁ ଜଣେ ଯୁବକ ୫୦ ହଜାର ଟଙ୍କା ମୂଲ୍ୟର ଏକ ମୋବାଇଲ କିଣିଥିବା ଜଣାପଡିଥିଲା ।

# ମୁମ୍ବାଇରେ ଛାତରୁ ଖସି ଦାଦନଙ୍କ ମୃତ୍ୟୁ

ରାୟଗଡ଼ା,୧୨।୯(ଆଶିଷ ରଞ୍ଜନ ପଣ୍ଡା)

କିଛି ଦିନର ବ୍ୟବଧାନ ପରେ କାଶୀପୁର ବ୍ଲକ୍ ଅଞ୍ଚଳରେ ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। କାଶୀପୁର ବ୍ଲକ କୁଚେଇପଦର ପଞ୍ଚାୟତ କୁଚେର ଗ୍ରାମର ମହେଶ୍ୱର ଖୋଡିଆ (୨୧) ମୁମ୍ବାଇ ସହରରେ ଜଣେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିବାବେଳେ ଗୁରୁବାର ଛାତରୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। ଦେଢ଼ ମାସ ତଳେ ପେଟପାଟଣା ପାଇଁ ମହେଶ୍ୱର ମୁମ୍ବାଇ ସହରର ମାତୁଙ୍ଗ ଥାନା ଅଞ୍ଚଳରେ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ତେବେ କେଉଁ ପରିସ୍ଥିତିରେ ମହେଶ୍ୱର ଛାତରୁ ଖସିପଡ଼ିଲେ ତାହା ସ୍ପଷ୍ଟ ହୋଇନାହିଁ। ଠିକା କମ୍ପାନୀ କର୍ମଚାରୀ ପରିବାର ଲୋକଙ୍କୁ କେବଳ ମୃତ୍ୟୁ ହୋଇଥିବା ନେଇ ସୂଚନା ଦେଇଥିଲେ। ଖବରଶୁଣିବା ପରେ ଏବେ ଗାଁରେ ଶୋକର ଛାୟା ଖେଳିଯାଇଛି। ବହୁଦୂରରୁ ଗ୍ରାମକୁ ମୃତଦେହ ଆଣିବା ପାଇଁ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ପ୍ରଶାସନକୁ ସାହାଯ୍ୟ ପାଇଁ ପରିବାର ଲୋକେ ନିବେଦନ କରିଛନ୍ତି।

# ଜଳସେଚନ କାର୍ଯ୍ୟାଳୟରେ ଠିକାଦାରଙ୍କ ପ୍ରତିବାଦ

ରାୟଗଡ଼ା,୧୨।୯(ଆଶିଷ ରଞ୍ଜନ ପଣ୍ଡା)

**ବିନା ଲାଞ୍ଚରେ କାମ ହେଉ ନ ଥିବା ଅଭିଯୋଗ**

କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟରେ ବିନା ଲାଞ୍ଚରେ କୌଣସି କାମ ହେଉ ନ ଥିବା କିମ୍ବା ବିଲ୍ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଗୁରୁବାର ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟକୁ ୨ ଠିକାଦାରଙ୍କ ସମେତ ସେମାନଙ୍କ କେତେଜଣ ସମ୍ପର୍କୀୟ ଯାଇ ପାଟିତୁଣ୍ଡ କରିଥିଲେ। ଏହାପରେ ଅଧୀକ୍ଷଣ ଯନ୍ତ୍ରୀ ସୁଧାକର କୁମାର ଭୁବନେଶ୍ୱର ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟ ସହ କଥା ହେବା ପରେ ସେମାନଙ୍କ ବଳକା ବିଲ୍ ପ୍ରଦାନ କରାଯିବ ବୋଲି କହିବା ପରେ ଘଟଣା ଶାନ୍ତ ପଡ଼ିଥିଲା।

ସୂଚନାଯୋଗ୍ୟ, ଠିକାଦାର ତିଲମଣି ଭତ୍ରା କଲ୍ୟାଣସିଂହପୁର ବ୍ଲକ୍ ଦୁଦୁଲିଗୁଡ଼ାଠାରେ ୫୮ ଲକ୍ଷ ଟଙ୍କା ବ୍ୟୟରେ ଏକ ଚେକ୍‌ଡ୍ୟାମ୍ ନିର୍ମାଣ କରିଛନ୍ତି। ହେଲେ ତାହାର ସମ୍ପୂର୍ଣ୍ଣ ବିଲ୍ ବିଭାଗ ପଇଠ କରୁନାହିଁ। ସେହିଭଳି ଠିକାଦାର ଗାଜୁଲା ପଦ୍ମନାଭ କଲ୍ୟାଣସିଂହପୁର ବ୍ଲକ୍ ସାନଟଡରାଠାରେ ୩୯ ଲକ୍ଷ ଟଙ୍କା ବ୍ୟୟରେ ଏକ ଚେକ୍‌ଡ୍ୟାମ୍ ନିର୍ମାଣ କରିଛନ୍ତି। ତାହାର ସମ୍ପୂର୍ଣ୍ଣ ବିଲ୍ ମଧ ବିଭାଗ ପ୍ରଦାନ କରୁନାହିଁ। ବାରମ୍ବାର କହିଲେ ମଧ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଡି. ସୁଧାକର କୁମାର ଶୁଣୁ ନ ଥିବା ସେମାନେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ଗୁରୁବାର ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟକୁ ଯାଇ ୨ ଠିକାଦାରଙ୍କ ସମେତ ସେମାନଙ୍କ କେଜେଣ ସମ୍ପର୍କୀୟ ପାଟିତୁଣ୍ଡ କରିଥିଲେ।


ଜଳସେଚନ କାର୍ଯ୍ୟାଳୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଠିକାଦାର ଆଲୋଚନା କରୁଛନ୍ତି।

# ପୁନଃ କାର୍ଯ୍ୟକ୍ଷମ ହେଲା ବାଇକ୍ ଆମ୍ବୁଲାନ୍ସ



ଭାରପ୍ରାପ୍ତ ଚିକିତ୍ସାଧିକାରୀ ପତାକା ଦେଖାଇ ବାଇକ୍ ଆମ୍ବୁଲାନ୍ସ ଉଦ୍‌ଘାଟନ କରୁଛନ୍ତି ।

ଅମ୍ବାଦଳା,୧୨।୯(ରବୀନ୍ଦ୍ର ପଣ୍ଡା)

ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଏବଂ ଅମ୍ବାଦଳା କ୍ୟାରମ ଅନୁଷ୍ଠାନ ସହାୟତାରେ ଗୁରୁବାର ବାଇକ୍ ଆମ୍ବୁଲାନ୍ସର ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ମୁନିଗୁଡ଼ା ଗାଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଆଶିଷ କୁମାର ପଣ୍ଡା ସବୁଜ ପତାକା ଦେଖାଇ ବାଇକ୍ ଆମ୍ବୁଲାନ୍ସକୁ ଉଦ୍‌ଘାଟନ କରିଥିଲେ। କ୍ୟାରମ ଅନୁଷ୍ଠାନ ନିର୍ଦ୍ଦେଶକ ଜୀବନ କୁମାର ଦୀକ୍ଷିତ,ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏମ୍‌ଓ ଡା. ବି.ଚନ୍ଦ୍ରଶେଖର, ଓ ସ୍ୱାସ୍ଥ୍ୟ ପରିଦର୍ଶକ ସାନ୍ତନା ପାଲ ଉପସ୍ଥିତ ରହି ସମସ୍ତ ପ୍ରକାରର ସହାୟତା କରିଥିଲେ। ପ୍ରକାଶ ଥାଉକି, ବାଇକ୍ ଆମ୍ବୁଲାନ୍ସ ଦ୍ୱାରା ଉପାନ୍ତ ଅଞ୍ଚଳର ଗର୍ଭବତୀ ମା' ସହଜରେ ମେଡିକାଲ ଆସି ପ୍ରସବ କରେଇପାରିବେ। ଏଥିସହିତ ସଙ୍କଟାପନ୍ନ ରୋଗୀ ମଧ ଦୂର, ଦୂରଦୂରାନ୍ତରୁ ଆସି ଚିକିତ୍ସା ପାଇପାରିବେ ବୋଲି ଡାକ୍ତର ପଣ୍ଡା କହିଥିଲେ।

# ଉଦ୍ୟୋଗୀ ସଚେତନତା କାର୍ଯ୍ୟକ୍ରମ

ଟିକିରି,୧୨।୯
(ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ୍ ଶଙ୍କରଡା ଗ୍ରାମ ପଞ୍ଚାୟତରେ ଆଇଡିବିଆଇ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଏବଂ ଇଡିଆଇଆଇ ଦ୍ୱାରା ପରିଚାଳିତ ପ୍ରକଳ୍ପ ରାଇଜର ଏକ ଉଦ୍ୟମିତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ କାଶୀପୁର ବିଡିଓ ଡ. ଅମୃତ ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକଙ୍କୁ ସ୍ୱାବଲମ୍ବୀ କରିବାକୁ ଏହା ଏକ ପ୍ରୟାସ ବୋଲି କହିଥିଲେ। ବିପିଏମ କିଶୋର କୁମାର ସମ୍ମାନନିତ ଅତିଥି ରୂପେ ଯୋଗଦେଇ ବ୍ଲକରେ କାର୍ଯ୍ୟରତ ରାଇଜ ପ୍ରୋଜେକ୍ଟ ଆତ୍ମନିର୍ଭର ହେବାର ଏକ ସ୍ୱତନ୍ତ୍ର ସୁଯୋଗ ବୋଲି କହିଛନ୍ତି । ଜଣେ ଭଲ ଉଦ୍ୟୋଗୀ ସମାଜ ଆଉ ଦେଶର କଲ୍ୟାଣ କରିଥାଏ ଏବଂ ଇଡିଆଇଆଇ ଏଥିରେ ଲୋକଙ୍କୁ ସହାୟକ ହେଉଛି ବୋଲି ସେ କହିଥିଲେ। ସରକାରଙ୍କ ବିଭିନ୍ନ ସହାୟତା ବିଷୟରେ ଉଦ୍ୟୋଗୀଙ୍କୁ ବୁଝାଇଥିଲେ । ପ୍ରକଳ୍ପ ରାଇଜର ପ୍ରଶିକ୍ଷକ ପପୁନ କୁମାର ପ୍ରଧାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରୋଜେକ୍ଟ କୋର୍ଡିନେଟର୍ ତାରିଣୀ ଚରଣ ସାହୁ , ରାଇଜ ପ୍ରଶିକ୍ଷକ ଅଶ୍ୱିନ ମିଶ୍ର ଉପସ୍ଥିତ ଥିଲେ ।

# ବାୟୁସେନା ପକ୍ଷରୁ ନିଯୁକ୍ତିଭିତ୍ତିକ କାର୍ଯ୍ୟକ୍ରମ

ବିଷମକଟକ,୧୨।୯(ପ୍ରସନ୍ନ କୁମାର ପଣ୍ଡା)

**ମା' ମାର୍କମା କଲେଜ**

ବିଷମକଟକସ୍ଥିତ ମା' ମାର୍କମା +୩ ମହାବିଦ୍ୟାଳୟରେ ଭାରତୀୟ ବାୟୁସେନା ପକ୍ଷରୁ ନିଯୁକ୍ତିଭିତ୍ତିକ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଡ. ଅଶ୍ୱିନୀ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆରମ୍ଭ ହୋଇଥିଲା। ଭୁବନେଶ୍ୱର ବାୟୁସେନାର ପଦାଧିକାରୀ ରାଜଲକ୍ଷ୍ମୀ ପୃଥ୍ୱିରାଜ (କମାଣ୍ଡିଂ ଅଫିସର) ସର୍ଜେଣ୍ଟ ରାହୁଲ ଦେଓଲତ, ବାୟୁସେନା ଅଫିସର ବିପିନ କୁମାର ସାହୁ, ଜିଲା ନିଯୋଜନ ଅଧିକାରୀ ତନ୍ମୟୀ ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବାୟୁସେନାରେ ଯୋଗଦେବା ପାଇଁ ଉତ୍ସାହିତ କରିଥିଲେ। ଏଥି ନିମନ୍ତେ ଯେଉଁ ସବୁ ପରୀକ୍ଷା ଦେବାକୁ ପଡ଼େ ସେ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବା ପରେ ତତ୍‌ସମ୍ପର୍କିତ ପ୍ରଶ୍ନ ପଚାରି ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।



# ୩ ଶିକ୍ଷକରେ ଚାଲିଛି ୮ ଶ୍ରେଣୀର ପାଠପଢ଼ା

ବିଷମକଟକ,୧୨।୯(ପ୍ରସନ୍ନ କୁମାର ପଣ୍ଡା)

**■ବନ୍ଧୁଗୁଡ଼ା ଅପର ପ୍ରାଇମେରି ବିଦ୍ୟାଳୟ**

**■ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡା ପଞ୍ଚାୟତର ବନ୍ଧୁଗୁଡ଼ା ଅପର ପ୍ରାଇମେରି ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ମାତ୍ର ୩ ଜଣ ଶିକ୍ଷକ ପ୍ରଥମରୁ ୮ମ ଶ୍ରେଣୀ ଯାଏ ମୋଟ ୮୦ ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ସୁକାନ୍ତି ତୁହିକା,ସୌଦାମିନୀ ମହାନ୍ତି ୨ ଶିକ୍ଷୟିତ୍ରୀ ଏହି ବିଦ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ଡାଲିଆକୁଜି ପଞ୍ଚାୟତ ଦ୍ୱାରଗୁଡି ପ୍ରାଥମିକ ବିଦ୍ୟାଳୟରୁ ଅସିମ ଦାସଙ୍କୁ ଏଠାକୁ ଡେପୁଟେଶନରେ ଅଣାଯାଇଛି । ତେବେ ୩ ଶିକ୍ଷକରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାରୁ ଆଉ ୨ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ବାରମ୍ବାର ଶିକ୍ଷା ବିଭାଗର ତଳ ସ୍ତରଠାରୁ ଆରମ୍ଭକରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ସେହିପରି ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀଗୃହ ନ ଥିବାରୁ ପିଲାମାନେ ବସି ପାଠପଢ଼ିବାରେ ହଇରାଣ ହେଉଛନ୍ତି। ୮୦ ପିଲାଙ୍କ ପାଇଁ ତିନୋଟି ଶ୍ରେଣୀଗୃହ ଥିବାବେଳେ ଗୋଟିଏ ରୋଷେଇ ଗୃହ ରହିଛି। ବର୍ଷାଦିନ ଆସିଲେ ଗୋଟିଏ ଶ୍ରେଣୀଗୃହରେ ପାଣି ପଶିଯାଉଛି। ସେହିପରି ରୋଷେଇଗୃହରେ ମଧ ବର୍ଷାପାଣି ପଶିଯାଉଥିବାରୁ ବାରଣ୍ଡାରେ ରୋଷେଇ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶ୍ରେଣୀଗୃହ ଛାତ ବିପଦସଙ୍କୁଳ ଅବସ୍ଥାରେ ରହିଛି। କେତେବେଳେ ତାହା ଭୁଶୁଡି ପଡ଼ିବ, ସେ ନେଇ ଚିନ୍ତାରେ ଅଭିଭାବକ। ଯଦି ଏହି ବିଦ୍ୟାଳୟ ସମସ୍ୟାର ସମାଧାନ ଅତିଶୀଘ୍ର କରା ନ ଯାଏ ତା'ହେଲେ ଧାରଣାରେ ବସିବେ ବୋଲି ବନ୍ଧୁଗୁଡ଼ା ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ବିଷମକଟକ ବ୍ଲକ୍ ଶିକ୍ଷା ଅଧିକାରୀ ନବୀନ ଚନ୍ଦ୍ର ଖୋରାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏ ସମ୍ପର୍କରେ ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀଙ୍କ ନଜରକୁ ସେ ନେବେ।



**ସଂକ୍ଷେପରେ**

## ଜୟପୁର ଏୟାରପୋର୍ଟରେ ପହଞ୍ଚିଲେ ମୁଖ୍ୟମନ୍ତ୍ରୀ

ଜୟପୁର,୧୨।୯(ପବନ ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ମାଲକାନଗିରି ଜିଲା ଗସ୍ତରେ ଯାଇଛନ୍ତି। ସ୍ୱତନ୍ତ୍ର ବିମାନରେ ଅପରାହ୍ଣ ୨ଟା ୫୦ ମିନିଟ୍‌ରେ ଜୟପୁରରେ ପହଞ୍ଚି ହେଲିକପ୍ଟର ଯୋଗେ ମାଲକାନଗିରି ଗସ୍ତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ପ୍ରମୁଖ ରହିଥିଲେ। ମାଲକାନଗିରି ଗସ୍ତ ପରେ ଜୟପୁର ଏୟାରପୋର୍ଟରୁ ସନ୍ଧ୍ୟା ୬ଟାରେ ଭୁବନେଶ୍ୱର ଫେରିଥିଲେ । ଏ ସମୟରେ କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ, ଏସ୍‌ପି ଅଭିନବ ସୋନାକାର,ଉପଜିଲାପାଳ ଅକ୍କାବରମ ସସ୍ୟା ରେଡ୍ଡି ,ଏସ୍‌ଡିପିଓ ଅଙ୍କିତ କୁମାର ବର୍ମା,ରାସ୍ତା ଓ ଗୃହ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରଧର କନ୍ଦପାଣି, ବିଡିଓ ଶକ୍ତି ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଜ୍ଞାନ, ନାଟକ ସମନ୍ୱୟରେ ଅନ୍ଧବିଶ୍ୱାସ ଦୂରହେବ

### -ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

ନବରଙ୍ଗପୁର,୧୨।୯
(ସଦାଶିବ ପ୍ରହରାଜ)

ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ନବରଙ୍ଗପୁର ଆର୍‌ସିଡି ନୋଡାଲ ହାଇସ୍କୁଲରେ ଅନୁଷ୍ଠିତ ହୋଇଛି। ଡିଇଓ ଛତ୍ରପତି ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଓ ନାଟକର ସମନ୍ୱୟରେ ଅନ୍ଧବିଶ୍ୱାସ ଦୂର କରାଯାଇପାରିବ। ଏହି ବାର୍ତ୍ତା ଜିଲାର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଡିଇଓ କଳାକାରମାନଙ୍କୁ ଆହ୍ୱାନ ଦେଇଥିଲେ। ଉଦଘାଟନ ଉତ୍ସବରେ ଏଡିଇଓ ଡକ୍ଟର ରେଶମଲାଲ ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ଜିଲାର ୯ଟି ବ୍ଲକ୍‌ର ପ୍ରତିଯୋଗୀମାନେ ଭାଗ ନେଇଥିଲେ। ସର୍ବଶ୍ରେଷ୍ଠ ନାଟକଭାବେ ଝରିଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପୁରସ୍କୃତ ହୋଇଥିଲା। କଳାକାରମାନେ ରାୟଗଡ଼ାରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। କୋଷାଗୁମୁଡ଼ା ବ୍ଲକ ମାଝୀଧନୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏବଂ ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛି। ନନ୍ଦାହାଣ୍ଡି ଆଦର୍ଶ ବିଦ୍ୟାଳୟର ପବିତ୍ର ଦତ୍ତା ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ନାଟକ ରଚନା ବଦ୍ରିନାରାୟଣ ବିଶ୍ୱାଳ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଆ, ଶ୍ରେଷ୍ଠ କଳାକାର ଭାବେ ବାପୁଜୀ ଉଚ୍ଚ ବିଦ୍ୟାଳୟର ଶ୍ରୀକାନ୍ତ ପଟ୍ଟନାୟକ ଏବଂ ଶ୍ରେଷ୍ଠ ଅଭିନେତ୍ରୀଭାବେ ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟର ଶ୍ରୁତି ସାମନ୍ତରାୟ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଜିଲାର ବରିଷ୍ଠ କଳାକାର ଦେବଦାସ ମହାକୁଡ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଫାଲଗୁନି ପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# କାଳିମେଳା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କଲେ ଏମ୍‌ପି

**ଏମ୍‌ପିଭି ୧୬ ଗାଁ ସ୍ଥାନାନ୍ତର ପାଇଁ ଜିଲାପାଳଙ୍କ ସହ ଆଲୋଚନା କରାଯିବ**

କାଳିମେଳା, ୧୨।୯(ଜୀବନ କୃଷ୍ଣ ଦାସ)



ଏମ୍‌ପିଭି ୧୬ଗାଁରେ ମହିଳାଙ୍କ ସହ ଏମ୍‌ପି ବଳଭଦ୍ର ମାଝି କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରୁଛନ୍ତି ।

ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଶେଷ କରି କାଳିମେଳା ବ୍ଲକ ଅଞ୍ଚଳର କେତେକ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଫଳରେ ପୋଟେରୁ-କାଙ୍ଗୁରୁକୋଣ୍ଡା, ଏମ୍‌ଭି-୯୦,ଏମ୍‌ଭି -୧୬, ମହାରାଜପଲ୍ଲୀ ଓ ଏମ୍‌ଭି-୭୯ ଓ ମୋଟୁ ଆଦି ବହୁ ଅଞ୍ଚଳ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ତବେ ବର୍ଷା ପରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଥିବା ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସ୍ଥିତି ଦେଖିବାକୁ ଗୁରୁବାର କାଳିମେଳା ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି । ଏହା ସହ ତାଟିଗୁଡା କଙ୍ଗାରୁକୋଣ୍ଡା ନାଳ ପାଦଦେଶରେ ଥିବା ଭେଜାଙ୍ଗିୱାଡା ପଞ୍ଚାୟତ ତଥା ପୋଟେରୁ ନଦୀକୂଳରେ ଥିବା ଏମ୍‌ପିଭି ୧୬ ଗାଁରେ ପାଣି ଯୋଗୁ ୪୦ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ଓଡ୍ରାଫ ଟିମ୍ ଉଦ୍ଧାରକରି ରିଲିଫ କ୍ୟାମ୍ପକୁ ଆଣିଥିଲା। ସେଠାରେ ପ୍ରାୟ ୨ ସହ ଲୋକଙ୍କୁ ପ୍ରସାଶନ ପକ୍ଷରୁ ରନ୍ଧାଖାଦ୍ୟ ଦେବାକୁ ଏମ୍‌ପି ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ପ୍ରତି ବର୍ଷ ଗାଁରେ କ୍ଷତି ହେଉଥିବାରୁ ଉକ୍ତ ସ୍ଥାନକୁ ସ୍ଥାନାନ୍ତର ପାଇଁ ଜିଲାପାଳଙ୍କ ସହ କଥାବାର୍ତ୍ତା କରି ସମସ୍ୟା ସମାଧାନ କରିବେ ବୋଲି ଏମ୍‌ପି ମାଝି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ସେ ୩୨୬ ନଂ. ଜାତୀୟ ରାଜପଥ ପୋଟେରୁ ବ୍ରିଜ ବନ୍ୟାରେ ଦୁର୍ବଳ ହେବା ସହ କେତେକ ସ୍ଥାନରେ ଭାଙ୍ଗି ଯାଇଥିବା ପୋଲ ଉପରେ ବିପଦ ସଙ୍କୁଳ ଅବସ୍ଥାରେ ଯାନବାହନ ଚଳାଚଳ କରୁଥିବା ଦେଖି ଖୁବଶୀଘ୍ର ଏହାର ମରାମତି କରାଯିବ ବୋଲି କହିଥିଲେ। ତେବେ ପୋଟେରୁ ବଜାରରେ ପାଣିପଶି ଦୋକାନ ବଜାର କ୍ଷୟକ୍ଷତିଗୁଡ଼ିକ ବୁଲି ଦେଖିଥିଲେ । ଏଠାରେ ଅନେକ ଲୋକଙ୍କ ଘରେ ଏବଂ ବ୍ୟବସାୟ ପ୍ରତିଷ୍ଠାନ ଦୋକାନ ଗୃହରେ ପାଣିପଶି ଲୋକଙ୍କ କ୍ଷୟକ୍ଷତି ହୋଇଥିବା ସମ୍ପର୍କରେ ଏମ୍‌ପିଙ୍କୁ ଲୋକେ କହିଥିଲେ । ତେବେ ବାସ୍ତବରେ କେତେ ଚାଷ ଜମିରୁ ଫସଲ ନଷ୍ଟ ହୋଇଛି ତାହା ରାଜସ୍ୱ ଓ କୃଷି ବିଭାଗର ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି କହିଥିଲେ। ଭାଙ୍ଗି ଯାଇଥିବା ଘର ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏମ୍‌ପିଙ୍କ ସହିତ ପୂର୍ବତନ ଜିଲା ପରିଷଦ ସଭ୍ୟା ପ୍ରମିଳା ଦାସ, ଏମ୍‌ପି ପ୍ରତିନିଧି ସଞ୍ଜୟ ସର୍କରାଙ୍କ ସମେତ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ ।

## ସୁଭଦ୍ରା ଯୋଜନା ନେଇ ହିତାଧିକାରୀଙ୍କ ମଧ୍ୟରେ ଉତ୍ସାହ

ମାଲକାନଗିରି, ୧୨।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ସୁଭଦ୍ରା ଯୋଜନା ନେଇ ହିତାଧିକାରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ଜିଲାର ସମସ୍ତ ମୋ ସେବା ଓ ଜନସେବା କେନ୍ଦ୍ରରେ ବହୁ ସଂଖ୍ୟାରେ ପଞ୍ଜୀକରଣ କରାଯାଉଛି। ଏଥି ନିମନ୍ତେ ଜିଲାରେ ୨୯ ହଜାର ୯୩୬ ଜଣ ମୋ ସେବା କେନ୍ଦ୍ରରେ ପଞ୍ଜୀକରଣ କରିଛନ୍ତି। ଗୁରୁବାର ସୁଦ୍ଧା ଚିତ୍ରକୋଣ୍ଡାରେ ୨୨୧୧, କାଳିମେଳାରେ ୯୧୮, ଖଇରପୁଟରେ ୨୧୬୭, କୋରୁକୋଣ୍ଡାରେ ୫୧୦୬, ମାଲକାନଗିରିରେ ୫୨୫୩, ମାଥିଲିରେ ୨୭୧୧ ଓ ପଡିଆରେ ୨୦୫୦ ଜିଲାର ୭ ବ୍ଲକରେ ୨୮ ହଜାର ୬୮୬ ଜଣ ପଞ୍ଜୀକରଣ କରିଛନ୍ତି। ସେହିପରି ବାଲିମେଳା ଏନ୍‌ଏସିରେ ୧୩୭ ଜଣ ଓ ମାଲକାନଗିରି ପୌର ପରିଷଦରେ ୧୧୧୩ ଅର୍ଥାତ ୧୨୫୦ ପଞ୍ଜୀକରଣ କରିଛନ୍ତି।

ସୂଚନାଯୋଗ୍ୟ, ଆବେଦନ ଫର୍ମ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ବିନା ମୂଲ୍ୟରେ ଉପଲବ୍ଧ ହେଉଛି। ସେହିପରି ବିନାମୂଲ୍ୟରେ ସେବା କେନ୍ଦ୍ରରେ ଫର୍ମ ପୂରଣ ଓ ପଞ୍ଜୀକରଣ କରାଯାଉଛି।

## ଜାତୀୟ ବନ ଶହୀଦ ଦିବସ ପାଳିତ



କୋରାପୁଟ,୧୨।୯(ଅମିତାଭ ବେହେରା )

କୋରାପୁଟ କେନ୍ଦ୍ରୀୟ ଚାରା ଉତ୍ପାଦନ କେନ୍ଦ୍ରରେ ଓଡ଼ିଶା ଅଣଗେଜେଟେଡ୍ ବନ ସେବା ସଂଘ ପକ୍ଷରୁ ଦ୍ୱାଦଶତମ ଜାତୀୟ ବନ ଶହୀଦ ଦିବସ ଗୁରୁବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଞ୍ଚଳିକ ବନ ସଂରକ୍ଷକ ପ୍ରସନ୍ନ କୁମାର ବେହେରା,କୋରାପୁଟ ବନଖଣ୍ଡ ଅଧିକାରୀ କେ.ଭି. ଭାସ୍କର ରାଓ ଯୋଗଦେଇଥିଲେ। ବନକୁ ସୁରକ୍ଷା ଦେଇ ଶହୀଦ ହୋଇଥିବା କର୍ମଚାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ସେମାନଙ୍କ ପରିବାରବର୍ଗଙ୍କୁ ସମ୍ମାନିତ କରିବା ଓ ସେମାନଙ୍କ ପାଇଁ କିଛି କରିବା ଲକ୍ଷ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ବନକୁ ସୁରକ୍ଷା ଦେବାକୁ ଯାଇ ୩୩ଜଣ କର୍ମଚାରୀ ଶହୀଦ ହୋଇଥିଲେ ବୋଲି କୋରାପୁଟ ଜିଲା ସଂଘ ସମ୍ପାଦକ ସନ୍ତୋଷ କୁମାର ସାହୁ ସୂଚନା ଦେଇଥିଲେ।

# ନାମ ପଞ୍ଜୀକରଣ କାର୍ଯ୍ୟ ଯାଞ୍ଚକଲେ ବିଡିଓ

**ସୁଭଦ୍ରା ଯୋଜନା**

ପଟ୍ଟାଙ୍ଗି,୧୨।୯(ଶରତ ଧଳ)



ବିଡିଓଙ୍କ ଦେଓପଟାଙ୍ଗୀ ପଞ୍ଚାୟତରେ ସୁଭଦ୍ରା ଯୋଜନାର ତଦାରଖ ।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରେ ସୁଭଦ୍ରା ଯୋଜନା ପଞ୍ଜିକରଣ କାର୍ଯ୍ୟ ପ୍ରତି ଦୃଷ୍ଟି ଦେବାକୁ ଜିଲା ଓ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ଏବଂ ଆଇସିଡିଏସ୍ କର୍ମଚାରୀ ବିଭିନ୍ନ ପଞ୍ଚାୟତକୁ ଗସ୍ତ କରି ସୁଭଦ୍ରା ଯୋଜନା ପଞ୍ଜୀକରଣ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି। ଗୁରୁବାର ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ବ୍ଲକର ପୁକାଲି, ଦେଓପଟାଙ୍ଗି ଓ ସମ୍ବାଇ ପଞ୍ଚାୟତ ଗସ୍ତ କରି ଆଧାର ସେଣ୍ଟର ଏବଂ ଗ୍ରାହକ ସେବା କେନ୍ଦ୍ରରେ ଅଙ୍ଗନୱାଡ଼ି କର୍ମୀଙ୍କ ଉପସ୍ଥିତିରେ ହେଉଥିବା ପଞ୍ଜୀକରଣ ଯାଞ୍ଚ କରିଥିଲେ। ସେଠାରେ ଉପସ୍ଥିତ ମହିଳାମାନଙ୍କୁ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟୁତକାଟ ଯୋଗୁ ସମସ୍ତକାର୍ଯ୍ୟ ଇନ୍‌ଭୋଟରରେ ହେଉଛି। ଏହି ସମୟରେ ଇନ୍‌ଭୋଟର ବ୍ୟାଟେରି ଚୋରି ହୋଇଯାଇଥିବାରୁ କାମ ଅଟକିଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଆବେଦନ କେନ୍ଦ୍ରରେ ଅଧିକରୁ ଅଧିକ ସୁଭଦ୍ରା ଯୋଜନା ଫର୍ମଗୁଡ଼ିକ ଅପଲୋଡ଼୍ କରିଲେ ଭଲ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ମିଳିଛି। ସେପଟେ ବ୍ଲକର ଅମ୍ବାବଲି,ତଳଗଲୁର,କୋଟିଆ ଓ ନୂଆଗାଁ ପରି ସୀମାନ୍ତ ପଞ୍ଚାୟତରେ ନେଟୱର୍କ ସୁବିଧା ଠିକ ଭାବେ ରହୁ ନ ଥିବାରୁ ମହିଳାମାନେ ସେବା କେନ୍ଦ୍ରମାନଙ୍କରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ପଞ୍ଜୀକରଣ ଶେଷ ତାରିଖ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇନଥିବା ବେଳେ ଉଚିତ ସଚେତନତା ଅଭାବରୁ ଦୂରଦୂରାନ୍ତରୁ ଆସୁଥିବା ମହିଳାମାନେ ନେଟୱର୍କ ଅସୁବିଧା ଯୋଗୁ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି।

### କେଡିଏଫଏ କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

## ସୁନାବେଡ଼ାର ଆମ୍ବେଦକର ଦଳ ବିଜୟୀ

କୋରାପୁଟ,୧୨।୯(ଅମିତାଭ ବେହେରା)

କୋରାପୁଟ ଜିଲା ଫୁଟବଲ ଆସୋସିଏଶନ ଓ କୋରାପୁଟ ଟାଉନ ସୋର୍ଟିଂ କ୍ଲବର ମିଳିତ ସହଯୋଗରେ ଗୁରୁବାର ସ୍ଥାନୀୟ ଓଏସ୍‌ଏପି ତୃତୀୟ ବାଟାଲିୟନ ପଡିଆଠାରେ ଜିଲାସ୍ତରୀୟ କେଡିଏଫଏ କପ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠି ଯୋଗଦେଇ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଛନ୍ତି। ଉଦଘାଟନୀ ମ୍ୟାଚ କୋରାପୁଟ ମାନବାରର ଜଗତ ରାଓ ଓ ସୁନାବେଡାର ଆମ୍ବେଦକର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆମ୍ବେଦକର ୫-୦ ଗୋଲ ବ୍ୟବଧାନରେ ବିଜୟୀ ହୋଇଛି। ଏହି ପ୍ରତିଯୋଗିତାରେ ଜିଲାର ମୋଟ ୩୨ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଆସନ୍ତା ୨୯ ତାରିଖରେ ଏହାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ଜେ କ୍ରୀଷ୍ଣା ରାଓ ସୂଚନା ଦେଇଛନ୍ତି। ସମ୍ମାନିତ ଅତିଥିଭାବେ ଓଏସ୍‌ଏପି ତୃତୀୟ ବାଟାଲିଆନର ଦୁର୍ଗପତି ମନୋଜ ନାୟକ, ପୂର୍ବତନ ଆଇଆରବି ବାଟାଲିଆନ ଦୁର୍ଗପତି ପି ମନ୍ମଥ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚରେ ରେଫରୀ ଭାବେ ତିରୁପତି ରାଓ, ପି ଏସ୍‌କେ ବର୍ମା, ପି କେ ଖୋଡଙ୍ଗା ଓ ଜଗନ୍ନାଥ ମାଝି ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ । ମ୍ୟାଚ କମିଶନର ଭାବେ ଜେ କ୍ରିଷ୍ଣା ରାଓ ପରିଚାଳନା କରିଥିଲେ ।

## ଚାଷୀ ପାଠଶାଳା ଗଠନ କାର୍ଯ୍ୟକ୍ରମ



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀ ।

ଦଶମନ୍ତପୁର,୧୨।୯(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଚଣାବାଡ଼ ପଞ୍ଚାୟତ ଅଧୀନ ଯୋଡ଼ିପାଇ ଗ୍ରାମର ଯୋଡ଼ିପାଇ କ୍ଲଷ୍ଟର ଅଧୀନ ୫ ଗ୍ରାମର ଚାଷୀଙ୍କୁ ନେଇ ଏକ ଚାଷୀ ପାଠଶାଳା ଗୁରୁବାର ଗଠନ କରାଯାଇଥିଲା। ଏଥିରେ ୬୦ ଜଣ ଚାଷୀ ଯୋଗଦେଇଥିଲେ। ପିଲାମାନେ ବିଦ୍ୟାଳୟ ଯାଇ ପାଠ ପଢ଼ିବା ଭଳି ଚାଷୀମାନେ ଜୈବିକ ଚାଷ ସମ୍ବନ୍ଧୀୟ ଜ୍ଞାନକୌଶଳ ଶିଖିବା ଏହାର ମୂଳ ଲକ୍ଷ୍ୟ ଥିଲା। ଜଳବାୟୁ ଉପଯୋଗୀ ନିରନ୍ତର ଜୀବିକା କାର୍ଯ୍ୟକ୍ରମ ଅଗ୍ରଗାମୀ ଦ୍ୱାରା ଦଶମନ୍ତପୁର ବ୍ଲକ୍ ୬ ଗ୍ରାମପଞ୍ଚାୟତର ୬୦ ଗ୍ରାମର ୫୦୦ ଜଣ ଚାଷୀଙ୍କ ସହ ପରିବେଶଭିତ୍ତିକ ଚାଷ କରିବା ପାଇଁ ଚେଷ୍ଟା ଜାରି ରଖିଛି। ଏହି କାର୍ଯ୍ୟକ୍ରମରେ ଅଗ୍ରଗାମୀ ପ୍ରକଳ୍ପ ସଂଯୋଜିକା ବିଦ୍ୟା ଦାସ ଏବଂ ଡକ୍ୟୁମେଣ୍ଟେଶନ ସଂଯୋଜିକା ସ୍ୱର୍ଣ୍ଣଲତା ପାଣିଗ୍ରାହୀ ମଧ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଦଶମନ୍ତପୁର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ କୁମାର ନାୟକ ପରିଚାଳନା କରିଥିଲେ।

# ୨୯ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକରଣ ପ୍ରମାଣପତ୍ର ବଣ୍ଟନ

କୋରାପୁଟ/ଜୟପୁର,୧୨।୯
(ଅମିତାଭ ବେହେରା/ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ବିକ୍ରମଦେବ ମହାବିଦ୍ୟାଳୟ ପରିସରରେ ଶ୍ରମ ବିଭାଗ ପକ୍ଷରୁ ନିର୍ମାଣାଧୀନ ଅଡିଟୋରିଅମ କୋଠାରେ ନିର୍ମାଣ ଶ୍ରମିକ ପଞ୍ଜୀକରଣ ପ୍ରମାଣପତ୍ର ବଣ୍ଟନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନରେନ୍ଦ୍ର ରାଇକା,ଯୁଗ୍ମ ଶ୍ରମ ଆୟୁକ୍ତ ବୃନ୍ଦାବନ ସେଠୀ, ଜିଲା ଶ୍ରମ ଅଧିକାରୀ ଚୈତନ୍ୟ ପ୍ରସାଦ ମାଝୀ ଓ ସହକାରୀ ଶ୍ରମ ଅଧିକାରୀ କୁମାରୀ ରାମେଶ୍ୱରୀ ହିକକା, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ କର୍ମଚାରୀମାନେ ଯୋଗଦେଇଥିଲେ। ସରକାରଙ୍କ ତରଫରୁ ଶ୍ରମିକଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ପ୍ରକାର ସହାୟତା ସମ୍ପର୍କରେ ଅବଗତ କରାଯାଇଥିଲା। ଯେଉଁମାନେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକରଣ କରିନାହାନ୍ତି ସେମାନଙ୍କୁ ଯଥାଶୀଘ୍ର କରାଯାଇ ସରକାରଙ୍କ ତରଫରୁ ମିଳୁଥିବା ସମସ୍ତ ସହାୟତା ପାଇବାକୁ ପ୍ରବର୍ତ୍ତାଇଥିଲେ। କୋଠା ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ୨୯ ଜଣ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ପ୍ରମାଣପତ୍ର ଗ୍ରହଣ କରିଥିବା ୨୯ ନିର୍ମାଣ ଶ୍ରମିକଙ୍କ ସହ ଶ୍ରମ ଅଧିକାରୀ।

# ଲଗାଣ ବର୍ଷାରେ ଭାଙ୍ଗିଛି ୮୦୫ ଘର

କୋରାପୁଟ,୧୨।୯(ଅମିତାଭ ବେହେରା)

କୋରାପୁଟ ଜିଲାରେ ପ୍ରବଳ ବର୍ଷାରେ ଗୁରବାର ସୁଦ୍ଧା ୮୦୫ଟି ଘର ଭାଙ୍ଗିଯାଇଛି। ସେଥିମଧ୍ୟରୁ ୫ ଟି ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ୨ଟି ଅତ୍ୟଧିକ ଭାବେ ଭାଙ୍ଗିଯାଇଛି । ୭୯୮ ଟି ଆଂଶିକ ଭାବେ ଭାଙ୍ଗିଯାଇଥିବା ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି। ୮ରୁ ୧୨ ତାରିଖ ମଧ୍ୟରେ ଜିଲାର ବିଭିନ୍ନ ତହସିଲରୁ ଆସିଥିବା ସୂଚନା ଆଧାରରେ ଏହା ଜଣାପଡିଛି। ସେଥିମଧ୍ୟରେ କୋରାପୁଟ ବ୍ଲକରେ ୨୭, ଲମତାପୁଟରେ ୭୧, ଦଶମନ୍ତପୁରରେ ୨୫, ନନ୍ଦପୁରରେ ୨୧, ସେମିଳିଗୁଡ଼ାରେ ୩୭, ଜୟପୁରରେ ୧୪୦, କୋଟପାଡ଼ରେ ୪୯, କୁନ୍ଦୁରାରେ ୧୬୭, ବୋରିଗୁମ୍ମାରେ ୧୮୨, ବୈପାରିଗୁଡ଼ାରେ ୬୦, ଲକ୍ଷ୍ମୀପୁରରେ ୧୦, ପଟ୍ଟାଙ୍ଗି ବ୍ଲକରେ ୧୭ଟି ଘର ଭାଙ୍ଗିଛି। ଜିଲାର ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକରେ କୌଣସି ଘର ଭାଙ୍ଗି ନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ୨ ଦିନ ତଳେ ଆରଡିସି ରୁପା ରୋଶନ ସାହୁ କୋରାପୁଟ ଗସ୍ତ କରି ବର୍ଷା ଜନିତ କ୍ଷୟକ୍ଷତି ରିପୋର୍ଟ ତୁରନ୍ତ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ମା' ମାଉଲି ଫୁଟ୍‌ବଲ ଟୁର୍ନାମେଣ୍ଟ, କୁପାରଲିଙ୍ଗା ଦଳ ବିଜୟୀ

ମାଲକାନଗିରି, ୧୨।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଗୋରାଖୁଣ୍ଟା ପଞ୍ଚାୟତ ପୋନାରଗୁଡାରେ ମା' ମାଉଲି ଫୁଟବଲ ଟୁର୍ନାମେଣ୍ଟ ଗତ ରବିବାରରୁ ଆରମ୍ଭ ହୋଇଥିବା ବେଳେ ଗୁରୁବାର କୁପାରଲିଙ୍ଗା ଓ ମରାଙ୍ଗବୁରୁ ମଧ୍ୟରେ ଖେଳ ହୋଇଥିଲା। ତେବେ ଉଭୟ ଦଳ ଗୋଟିଏ ଗୋଟିଏ ଗୋଲ କରି ମ୍ୟାଚ ଡ୍ର ହୋଇଥିବା ବେଳେ ପେନାଲଟି କିକ୍‌ରେ କୁପାରଲିଙ୍ଗା ବିଜୟ ଲାଭ କରିବା ଫଳରେ କୁପାରଲିଙ୍ଗା ସେମି ଫାଇନାଲକୁ ଯାଇଛି। ଏଥିରେ ଯୋଗେଶଙ୍କୁ ବେଷ୍ଟ ପ୍ଲେୟାର ପୁରସ୍କାର ଦିଆଯାଇଥିବା ବେଳେ ଏହି ପୁରସ୍କାର ରିଫେରି ପପୁ ସିଂଙ୍କ ଦ୍ୱାରା ପ୍ରଦାନ କରା ଯାଇଥିଲା। ରିଫରି ଭାବେ ପପୁ, ଲାଇନ୍‌ସମ୍ୟାନ ଭାବେ ରାଜେଶ ଓ ମୁନା ରହିଥିଲେ।



ବଜୟୀ ଦଳକୁ ପୁରସ୍କୃତ କରାଯାଉଛି।

## ଗଣେଶ ଭସାଣି ବେଳେ ଗଣ୍ଡଗୋଳ, ଜଣେ ଆହତ

ଦଶମନ୍ତପୁର,୧୨।୯ (ଅରବିନ୍ଦ ନାୟକ )

ଗଣେଶ ମୂର୍ତ୍ତି ବିସର୍ଜନ ସମୟରେ ୨ ଗ୍ରାମର କେତେଜଣ ଯୁବକଙ୍କ ମଧ୍ୟରେ ମାରପିଟ ସହ ଗଣ୍ଡଗୋଳ ହେବାରୁ ଜଣେ ଆହତ ହୋଇଛନ୍ତି। ଦଶମନ୍ତପୁର ବ୍ଲକ ଗିଁଲିଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ବୀଜମରା ଓ ପୋଟାଯୋଡି ଗ୍ରାମର ଲୋକେ ବୁଧବାର ସନ୍ଧ୍ୟା ୫ ଟାରେ ବାମଣିଅଡା ନଦୀରେ ଗଣେଶ ବିସର୍ଜନ କରୁଥିଲେ। ଏହି ସମୟରେ ଉଭୟ ଗ୍ରାମର କେତେଜଣ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସେଥିମଧ୍ୟରୁ ବିଜମରା ଗ୍ରାମର ଅବିନ ଜାନି, ଦର୍ଶନ କମାର ଓ ହରି ମୁଦୁଲଙ୍କୁ ପୋଟାଯୋଡି ଗ୍ରାମର ୫ ଜଣ ଯୁବକ ଆକ୍ରମଣ କରିଥିଲେ । ଏହି ଗଣ୍ଡଗୋଳରେ ରାମଦାସ ଜାନିଙ୍କ ପୁଅ ଅବିନ ଜାନି(୨୨)ଙ୍କୁ ଗୁରୁତର ଅବସ୍ଥାରେ ଏକ ଅଟୋ ସାହାଯ୍ୟରେ ସେଠାରୁ ପ୍ରାୟ ୨୬ କି.ମି. ଦୂର ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ଥାନାରେ କୌଣସି ଏତଲା ଦିଆଯାଇ ନ ଥିବା ବେଳେ ପରେ ଉଭୟ ଗ୍ରାମବାସୀ ଆପୋଷ ବୁଝାମଣାରେ ସମାଧାନ କରାଯାଇଥିବା ଜଣାପଡ଼ିଛି।

# ନୂତନ ପରବ ପଡ଼ିଆ ପ୍ରସ୍ତୁତିସ୍ଥଳ ଅନୁଧ୍ୟାନ କଲେ ଜିଲାପାଳ

କୋରାପୁଟ,୧୨।୯(ଅମିତାଭ ବେହେରା)

କୋରାପୁଟ ମୁନିସ୍‌ପାଲଟିର କୁମ୍ଭା ଗ୍ରାମରେ ନୂତନ ପରବ ପଡିଆର ମଣ୍ଡପ ନିର୍ମାଣ କାର୍ଯ୍ୟସ୍ଥଳକୁ ଜିଲାପାଳ ଭି.କିର୍ତ୍ତି ଭାସନ ଗୁରୁବାର ପରିଦର୍ଶନ କରି କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଜାତୀୟସ୍ତରୀୟ ଲୋକ ମହୋତ୍ସବ ପରବ-୨୦୨୪ ନଭେମ୍ବର ମାସରେ ଆରମ୍ଭ ହେବ। ଆଗାମୀ ଦିନରେ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କାର୍ଯ୍ୟ ଆରମ୍ଭ ନେଇ ଜିଲାପାଳ ଭାସନ ସ୍ଥାନକୁ ପରିଦର୍ଶନ କରିଥିଲେ। କିଛିଦିନ ତଳେ ଧରିତ୍ରୀକୁ ଏକ ସାକ୍ଷାତକାର ଦେଇ ଚଳିତ ପରବ ନୂତନ ପଡିଆରେ ହେବ ବୋଲି ଜିଲାପାଳ ଭାସନ ପ୍ରକାଶ କରିଥିଲେ। କୋରାପୁଟ ମୁନିସ୍‌ପାଲଟି ଅଧୀନରେ ଥିବା ୧୭ ନମ୍ବର ୱାର୍ଡ କୁମ୍ଭା ଗ୍ରାମର ୨୬ ଏକର ଜମିରେ ପରବର ନୂତନ ପଡିଆ ମଣ୍ଡପ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆରମ୍ଭ ହୋଇଛି। କାର୍ଯ୍ୟର ଅନୁଧ୍ୟାନ ପାଇଁ ଜିଲାପାଳ ଭାସନ,ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକାର, କୋରାପୁଟ ମୁନିସପାଲଟି ନିର୍ବାହୀ ଅଧିକାରୀ ଦୃତିକୃଷ୍ଣ ପାତ୍ର, କୋରାପୁଟ ତହସିଲଦାର ସୟଦ ସାଙ୍କ ସମେତ ପିଡବ୍ଲୁଡି,ବିଦ୍ୟୁତ,ପାନୀୟ ଜଳ ଯୋଗାଣ ଓ ପିଏଚ୍‌ଡି ବିଭିନ୍ନ ବିଭାଗରର ଅଧିକାରୀ ଓ ଯନ୍ତ୍ରୀ ପ୍ରମୁଖ ନିର୍ମାଣସ୍ଥଳରେ ପହଞ୍ଚିଥିଲେ। ପରବ ସମୟରେ ରାସ୍ତା,ଗାଡି ପାର୍କିଂ, ଶୌଚାଳୟ ଓ ବିଦ୍ୟୁତ ସୁବିଧା ଭଳି ବିଭିନ୍ନ ଆନୁସାଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରି ଏକ ସପ୍ତାହ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ମିଳିଛି। ସମସ୍ତ କାର୍ଯ୍ୟ ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଶେଷ କରିବାକୁ ଜିଲାପାଳ ଭାସନ ନିର୍ଦ୍ଦେଶ ଦେଇଥିଲେ।



ନୂତନ ପରବ ପଡ଼ିଆ ପ୍ରସ୍ତୁତିସ୍ଥଳ ଅନୁଧ୍ୟାନ କରୁଛନ୍ତି କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନ।

# ମା’, ଶିଶୁଙ୍କ ପୋଷଣ ଠିକ୍ ରହିଲେ ସମାଜରୁ କୁପୋଷଣ ହଟିବ

## ଜିଲାସ୍ତରୀୟ ୭ମ ରାଷ୍ଟ୍ରୀୟ ପୋଷଣ ମାସ ଶୁଭାରମ୍ଭ

ନବରଙ୍ଗପୁର,୧୨ା୯(ସଦାଶିବ ପ୍ରହରାଜ)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶାନୁଯାୟୀ ୭ମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୪ ଗୁରୁବାର ଶୁଭାରମ୍ଭ କରାଯାଇଛି। ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ସମାଜରୁ କୁପୋଷଣ ସମ୍ପୂର୍ଣ୍ଣଭାବେ ଦୂରେଇବାକୁ ହେଲେ ବିଶେଷକରି ମା’ ଓ ଶିଶୁଙ୍କର ପୋଷଣ ନିମନ୍ତେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଜିଲାପାଳ ମତ ଦେଇଥିଲେ। କୁପୋଷିତ ପିଲାମାନଙ୍କ ପରିବାରକୁ ସମସ୍ତ ପ୍ରକାର ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଇବା ପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେବାକୁ ସେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀମାନେ ନିଷ୍ଠାପର ଭାବରେ କାର୍ଯ୍ୟ କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ।



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ପାଷ୍ଟଫୁଡ୍ ପ୍ରତି ପିଲାଙ୍କର ଆଗ୍ରହ କମାଇ କ୍ଷୁଦ୍ରଶସ୍ୟ ପ୍ରସ୍ତୁତ ସୁଷମ ଖାଦ୍ୟ ଦେବାକୁ ଜିଲା ମୁଖ୍ୟ କୃଷି ଅଧିକାରୀ ଅଜୟ କୁମାର କର କହିଥିଲେ। ବାଲ୍ୟବିବାହ ଯୋଗୁ କମ୍ ବୟସରେ ବାଳିକାମାନେ ମା’ ହେଉଛନ୍ତି। ଫଳରେ କୁପୋଷିତ ମା’ ଓ ଶିଶୁଙ୍କ ସଂଖ୍ୟା ବଢୁଛି। ଏହାକୁ ରୋକିବାକୁ ହେଲେ ସମସ୍ତେ ଏକାଠି ହୋଇ କାମ କରିବାକୁ ହେବ ବୋଲି ସିଡିଏମ୍ଓ ଡା. ମଳୟ ତ୍ରିପାଠୀ କହିଥିଲେ। ରାଷ୍ଟ୍ରୀୟ ପୋଷଣ ମାସ ସମସ୍ତ ବ୍ଲକ୍, ପଞ୍ଚାୟତ ଓ ଅଙ୍ଗନୱାଡି ସ୍ତରରେ ଆୟୋଜନ କରାଯାଇ ଜିଲାବ୍ୟାପୀ ଜନ ସଚେତନତା ସୃଷ୍ଟି କରାଯିବ ବୋଲି ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ସୂଚନା ଦେଇଥିଲେ। ସପ୍ତମ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ଜିଲା, ବ୍ଲକ୍ ଓ ଅଙ୍ଗନୱାଡି ସ୍ତରରେ ହେବାକୁ ଥିବା କାର୍ଯ୍ୟକ୍ରମର ବିଶଦ ବିବରଣୀ ଜିଲା ପୁଷ୍ଟି ପରିଚାଳକ ସୁକାନ୍ତ ପାତ୍ର ଓ ପୋଷଣ ସଂଯୋଜକ ହେମରାଜ ଦଣ୍ଡସେନା ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର , ଡିଆଇପିଆର୍ଓ ମନୋଜ ବେହେରା, ଜିଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ, ଜିଲା ସହାୟକ ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ମାଝି, ଆକ୍ସନଏଡ୍ ଜିଲା ପରାମର୍ଶଦାତା ଫକୀର ଚରଣ ରାଉତ, ଜିଲା ମମତା ସଂଯୋଜକ ବିଶ୍ୱଜିତ ମହାନ୍ତି, ମିଶନ ଶକ୍ତି ସଂଯୋଜକ ହର୍ଷାନନ୍ଦ ପ୍ରଧାନ, ପିରାମଲ ଫାଉଣ୍ଡେଶନର ବିକ୍ରମ ରଣା, ସିଡିପିଓ ଏସ୍. ଗୀତା, ଯମୁନା ଭତ୍ରା , ଗୀତା ମିଶ୍ର, ବିରଜା ମୋହିନୀ ପାଙ୍ଗୀ, ବିନୀତା ଜେଠି, ସୁଦର୍ଶନୀ ରଥ ଏବଂ ଜିଲା ସମାଜ କଲ୍ୟାଣ ବିଭାଗର ସୁପରଭାଇଜର ତଥା ସମସ୍ତ ବ୍ଲକ୍ ପୋଷଣ ସଂଯୋଜକ ଉପସ୍ଥିତ ଥିଲେ। ପୋଷଣ ମାସ ଅବସରରେ ଉତ୍ତମ କାର୍ଯ୍ୟ କରିଥିବା ଅଙ୍ଗନୱାଡି କର୍ମୀଙ୍କୁ ପିରାମଲ ଫାଉଣ୍ଡେଶନ ପକ୍ଷରୁ ଜିଲାପାଳ ମହାପାତ୍ର ସମ୍ମାନିତ କରିଥିଲେ। ନନ୍ଦାହାଣ୍ଡି ସିଡିପିଓ ସସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବୃଦ୍ଧଙ୍କୁ ଅଧ କିଲୋମିଟର ଷ୍ଟ୍ରେଚରରେ ବୋହିଲେ ବିଡିଓ


ଷ୍ଟ୍ରେଚରରେ ଅସହାୟ ବୃଦ୍ଧଙ୍କୁ ବିଡିଓ ଏବଂ ଅନ୍ୟମାନେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଉଛନ୍ତି।

ନନ୍ଦାହାଣ୍ଡି,୧୨ା୯ ( ପ୍ରତୀପ କୁମାର ଦାଶ)

ନଦୀପଠାରେ ପଡ଼ି ରହିଥିବା ଜଣେ ବ୍ୟକ୍ତିଙ୍କୁ ଗ୍ରାମବାସୀଙ୍କ ସହ ମିଶି ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଉଦ୍ଧାର କରିଛନ୍ତି। ତାଙ୍କୁ ଷ୍ଟ୍ରେଚରରେ ପ୍ରାୟ ଅଧା କିଲୋମିଟର ବୋହି ବିଡିଓଙ୍କ ସମେତ ଏ.ଇ. ଗୋବିନ୍ଦ ଚନ୍ଦ୍ର କହଁର , ପିଇଓ ଉତ୍କଳ ଭତରା ଏବଂ ଗ୍ରାମବାସୀ ଆମ୍ବୁଲାନ୍ସ ନିକଟକୁ ଆଣିଛନ୍ତି। ଉଦ୍ଧାର ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବା ଜଣାପଡ଼ିଛି।

ନନ୍ଦାହାଣ୍ଡି ବ୍ଲକ ବି. ମାଳୀଗୁଡ଼ ଦେଇ ଯାଉଥିବା ଇନ୍ଦ୍ରାବତୀ ନଦୀ କୂଳରେ ଜଣେ ବୃଦ୍ଧ ପଡ଼ି ରହିଥିଲେ। ଗୁରୁବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ଦେଖି ଗ୍ରାମର ଯୁବକମାନେ ବିଡିଓଙ୍କ ସହ ଯୋଗାଯୋଗ କରିଥିଲେ। ବିଡିଓ ସେଠାରେ ପହଞ୍ଚି ଆମ୍ବୁଲାନ୍ସ ଡକାଇ ସ୍ଥାନୀୟ ଯୁବକଙ୍କ ସହାୟତାରେ ନଦୀପଠାରୁ ଷ୍ଟ୍ରେଚର ଯୋଗେ ବୃଦ୍ଧଙ୍କୁ ରାସ୍ତା ଉପରକୁ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବୃଦ୍ଧ ଜଣଙ୍କ ପରିଚୟ ଦେଇ ପାରୁନାହାନ୍ତି। ଡାକ୍ତରଖାନାରେ ଚିକିତ୍ସା ପରେ ପରିଚୟ ନ ମିଳିଲେ ବୃଦ୍ଧାଶ୍ରମକୁ ପଠାଇବା ବ୍ୟବସ୍ଥା କରାଯିବ ବୋଲି ବିଡିଓ କହିଛନ୍ତି।

# ସୁଭଦ୍ରା ଯୋଜନାରେ ନାମ ପଞ୍ଜୀକରଣ କରିଛନ୍ତି ୭୪, ୩୧୫

ନବରଙ୍ଗପୁର,୧୨ା୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ବିଭିନ୍ନ ଜନସେବା କେନ୍ଦ୍ର ଓ ମୋ ସେବାକେନ୍ଦ୍ର ଜରିଆରେ ଏବେ ପର୍ଯ୍ୟନ୍ତ ମୋଟ ୭୪,୩୧୫ଜଣ ମହିଳା ସୁଭଦ୍ରା ଯୋଜନାରେ ନାମ ପଞ୍ଜୀକରଣ କରିଛନ୍ତି। ସେଥିମଧ୍ୟରୁ ଚନ୍ଦାହଣ୍ଡିରେ ୭୦୩୩ ଜଣ, ଡାବୁଗାଁ ୨୫୮୨, ଝରିଗାଁ ୯୫୧୩, କୋଷାଗୁମୁଡ଼ା ୭୨୩୮, ନବରଙ୍ଗପୁର ୫୦୬୬, ନନ୍ଦାହାଣ୍ଡି ୩୭୪୩, ପାପଡ଼ାହାଣ୍ଡି ୬୮୩୮, ରାଇଘର ୧୦୬୪୩, ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ୭୨୪୫ , ଉମରକୋଟରେ ୧୧, ୬୭୩ ଜଣ ନାମ ପଞ୍ଜୀକରଣ କରିଛନ୍ତି। ନବରଙ୍ଗପୁର ପୌର ପରିଷଦରେ ୯୮୧ ଏବଂ ଉମରକୋଟ ପୌର ପରିଷଦରେ୧୭୩୪ ଜଣ ନାମ ପଞ୍ଜୀକରଣ କରିଛନ୍ତି।

ସୂଚନାଯୋଗ୍ୟ, ଜିଲାରେ ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ୬ଟି ସୁଭଦ୍ରା ସଚେତନତା ରଥ ବୁଲୁଛି। ଏଥିସହ ୮୦୮ଟି ଜନସେବା କେନ୍ଦ୍ର, ୨୫୦ଟି ମୋ ସେବା କେନ୍ଦ୍ର ସ୍ଥାପନ ସହ ପୋଷ୍ଟର, ଲିଫ୍‌ଲେଟ, ହୋର୍ଡିଂ ଓ ମାଇକ ଜରିଆରେ ସଚେତନ କରାଯାଉଛି। ଆବେଦନ ନିମନ୍ତେ କୌଣସି ଅନ୍ତିମ ସମୟସୀମା ଧାର୍ଯ୍ୟ କରାଯାଇନାହିଁ। ୨୧ରୁ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ମହିଳାମାନେ ଏହି ଯୋଜନାରେ ଆବେଦନ କରିପାରିବେ। ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ବିନା ମୂଲ୍ୟରେ ଫର୍ମ ଉପଲବ୍ଧ ହେଉଛି। ସେହିପରି ବିନା ମୂଲ୍ୟରେ ସେବା କେନ୍ଦ୍ରଗୁଡ଼ିକରେ ଫର୍ମ ପୂରଣ ଓ ପଞ୍ଜୀକରଣ କରାଯାଉଛି। ଆବେଦନକାରୀ ନିଜର ଆଧାର ସହ ବ୍ୟାଙ୍କ୍ ଲିଙ୍କ୍ କରିବା ଆବଶ୍ୟକ। ହିତାଧିକାରୀ ଯେଭଳି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଅଧା ହେଲାଣି ଶିକ୍ଷା ବର୍ଷ, ପିଲାଙ୍କୁ ଏଯାଏ ମିଳିନି ଡ୍ରେସ୍

ତେନ୍ତୁଳିଖୁଣ୍ଟି, ୧୨ା୯(ଚିଦାନନ୍ଦ ସାହୁ)

୨୦୨୪-୨୫ ଶିକ୍ଷାବର୍ଷ ପାଖାପାଖି ଅଧା ହୋଇଗଲାଣି। କିନ୍ତୁ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ପିଲାମାନଙ୍କୁ ସ୍କୁଲ ପୋଷାଏ ଏଯାଏ ମିଳିନି। ଯାହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କେତେକ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ବହି ମଧ୍ୟ ମିଳି ନ ଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ପିଲାଙ୍କୁ ପୋଷାକ ଓ ବହି ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଶିକ୍ଷା ବିଭାଗ ଅଧୀନରେ ୧୨୭ ବିଦ୍ୟାଳୟ ରହିଛି। ସେଠାରେ ମୋଟ ୧୩, ୮୧୧ ଛାତ୍ରୀଛାତ୍ର ଅଛନ୍ତି। ସେମାନଙ୍କର ଡ୍ରେସ୍, ଟ୍ରାକ ସୁଟ, ଜୋତା, ଆଇ କାର୍ଡ଼, ଟୋପି, ବାବଦକୁ ଏକ ହଜାର ଟଙ୍କା ହିସାବରେ ମୋଟ ତେନ୍ତୁଳିଖୁଣ୍ଟି ବ୍ଲକର ବଜେଟ ୮,୨୮୬,୬୦୦ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ସରକାରଙ୍କ ପକ୍ଷରୁ ଦିଆ ଯାଉଥିବା ଅର୍ଥରେ ସବୁ ବର୍ଷ ସ୍ୱାଧୀନତା ଦିବସରେ ପିଲାମାନଙ୍କୁ ନୂଆ ଡ୍ରେସ ମିଳେ। କିନ୍ତୁ ଏହି ବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସ୍ୱାଧୀନତା ଦିବସ ଯାଇ ଗଣେଶ ପୂଜା ସରିଯାଇଥିଲେ ମଧ୍ୟ ପିଲାମାନଙ୍କୁ ନୂତନ ପୋଷାକ ମିଳିପାରିଲା ନାହିଁ। ଏହାକୁ ନେଇ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ବହି ମଧ୍ୟ ସବୁ ପିଲା ପାଇନଥିବା ଅଭିଯୋଗ ହେଉଛି। ସମଗ୍ର ଶିକ୍ଷା ନବରଙ୍ଗପୁର ଚିଠି ନମ୍ବର ୨୪/୭/୨୦୨୪ ପ୍ରକାରେ ପିଲାମାନଙ୍କୁ ପୋଷାକ ଯୋଗାଇ ଦେବା ପାଇଁ କମିଟି ଗଠନ କରିବାକୁ ଜିଲାପାଳ ବିଇଓ ରମେଶ ରାୟଙ୍କୁ ଚିଠି କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଇଓଙ୍କ ଆବାହନରେ ବିଡିଓଙ୍କ ତତ୍ତ୍ୱାବଧାନରେ ଏକ ୬ ଜଣିଆ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଛି। ସ୍ୱଂ ସହାୟକ ଗୋଷ୍ଠୀକୁ ପୋଷାକ ଯୋଗାଇବା ଦାୟିତ୍ୱ ଉକ୍ତ କମିଟି ପକ୍ଷରୁ ଦିଆ ଯାଇଥିବାରୁ ଅନେକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଡ୍ରେସ ଯୋଗାଣକାରୀ ସଂସ୍ଥା ଦ୍ୱାରା ଦିଆ ଯାଇଥିବା ପୋଷାକ ଅତି ନିମ୍ନମାନର। ଏସ୍‌ଏଚ୍‌ଜିକୁ ଏହି ଦାୟିତ୍ୱ ଦିଆଗଲେ ଅଧିକ ଦୁର୍ନୀତି ହେବାର ଆଶଙ୍କା ରହିଛି ବୋଲି ବୁଦ୍ଧିଜୀବୀ କହିଛନ୍ତି। ବ୍ଲକରେ ଏପରିକି ଜିଲାରେ ସିଲେଇ ଦକ୍ଷତା ଥିବା ବହୁ କମ୍ ଗ୍ରୁପ ଅଛନ୍ତି। ସେମାନେ ଜିଲା ସାରା ବିଦ୍ୟାଳୟକୁ ଡ୍ରେସ୍ ଆଦି ଯୋଗାଇବା ସମ୍ଭବ ନୁହେଁ। ପିଲାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପ୍ରଦାନ କରାଗଲେ ଭଲ ହେବ ବୋଲି ଅଭିଭାବକ କହିଛନ୍ତି। ସିଧାସଳଖ ମହିଳା ଗ୍ରୁପ ଆକାଉଣ୍ଟ କୁ ଅର୍ଥ ଦେଇ ଡ୍ରେସ୍ ଆଦି ଦିଆଯାଉ। ଶିକ୍ଷକଙ୍କୁ ଉକ୍ତ ଦାୟିତ୍ୱ ମୁକ୍ତ କରାଯାଉ ବୋଲି ବ୍ଲକ ଶିକ୍ଷକ ସଂଘ ସଭାପତି ପ୍ରଦୀପ ସୁନା ଦାବିପତ୍ର ଦେଇଛନ୍ତି। ତେନ୍ତୁଳିଖୁଣ୍ଟି ବିଇଓ ରମେଶ ରାୟଙ୍କୁ ପଚାରିବାରୁ ପୋଷାକ ଆଦି ବଣ୍ଟନ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଦିନେ ଦୁଇ ଦିନ ମଧ୍ୟରେ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

# ଉମରକୋଟରେ ସୁଭଦ୍ରା ସଚେତନତା ରଥ ଶୁଭାରମ୍ଭ


ଅତିଥିମାନେ ପତାକା ଦେଖାଇ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ଉମରକୋଟ, ୧୨ା୯(ସନ୍ତୋଷ ଶତପଥୀ)

ଉମରକୋଟ ସହରର ୧୪ ୱାର୍ଡରେ ସୁଭଦ୍ରା ସଚେତନତା ରଥ ପରିକ୍ରମା କରିବ। ଏଥି ପାଇଁ ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ପୌରାଧ୍ୟକ୍ଷା ରାଧା ଭତ୍ରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ସହରର ସମସ୍ତ ୧୪ଟି ୱାର୍ଡର ପ୍ରତିଟି ମହିଳା ହିତାଧିକାରୀଙ୍କ ନିକଟକୁ ଯାଇ ସୁଭଦ୍ରା ଯୋଜନା ଉପରେ ସଚେତନ ସୃଷ୍ଟି କରାଯିବ। ଏହି ଉଦ୍‌ଘାଟନୀ ଉତ୍ସବରେ ପୌରାଧ୍ୟକ୍ଷାଙ୍କ ସହ ଯୋଗାଣ ନିରୀକ୍ଷକ ରାମଚନ୍ଦ୍ର ଖିଲ, ଉମରକୋଟ ସିଡିପିଓ ସଞ୍ଜୁକ୍ତା ବେହେରା, ସୁପରଭାଇଜର ଭାରତୀ ମହାନ୍ତି, ୧୦ ନମ୍ବର ୱାର୍ଡ କାଉନସିଲର କନକଲତା ନାୟକ, ୯ ନମ୍ବର ୱାର୍ଡ କାଉସିଲର ଇତିଶ୍ରୀ ଦଳେଇ , ୮ ନମ୍ବର ୱାର୍ଡ କାଉନସିଲର ସରୋଜିନୀ ଶବର, ୧୩ ନମ୍ବର ୱାର୍ଡ କାଉନସିଲର ଶିଖାରାଣୀ ସରକାର, ୧୪ ନମ୍ବର ୱାର୍ଡ କାଉନସିଲର ଚିନ୍ମୟୀ ଠାକୁର, ପରିଷଦ କାର୍ଯ୍ୟାଳୟ ମୁଖ୍ୟ କିରାଣି କେ. ନାଗେଶ୍ୱର ରାଓ ଓ ଶୁକଦେବ ବେହେରା ଓ ପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବି ଉଠାଇଲେ ବିଧାୟକ

ଚନ୍ଦାହାଣ୍ଡି, ୧୨ା୯(ଦିଲୀପ ଦାସ)



ଝରିଗାଁ ବିଧାୟକ ନରସିଂହ ଭତରା ବିଧାନସଭାରେ ଝରୀଗାଁ ଓ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ଡାକ୍ତର ଓ ପ୍ରସୂତି ଡାକ୍ତର ନିଯୁକ୍ତି ନେଇ ଦାବି ଉଠାଇଛନ୍ତି। ଝରିଗାଁ ନିର୍ବାଚନ ମଣ୍ଡଳୀ ଅଧୀନ ଏହି ଗୋଷ୍ଠୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ଡାକ୍ତର ଓ ପ୍ରସୂତି ଡାକ୍ତର ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ଉମରକୋଟ ଓ ନବରଙ୍ଗପୁର ଉପରେ ନିର୍ଭର କରିବାକୁ ପଡୁଛି। ଯାହାକି ଏଠାରୁ ୬୦କିଲୋମିଟର ଦୂର। ତେଣୁ ଝରିଗାଁ ଓ ଚନ୍ଦାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ଡାକ୍ତର ଓ ପ୍ରସୂତି ବିଭାଗ ଡାକ୍ତର ନିଯୁକ୍ତି କଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ବିଧାୟକ ବାଚସ୍ପତିଙ୍କ ଆଗରେ ଦାବି ରଖିଛନ୍ତି।

# ମାଝୀଧନୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ




## ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

କୋଷାଗୁମୁଡ଼ା, ୧୨ା୯(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ କୋଷାଗୁମୁଡ଼ା ବ୍ଲକସ୍ଥିତ ମାଝୀଧନୁଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ହୋଇଛି। ଜଳବାୟୁ ପରିବର୍ତ୍ତନ ଓ ତାହାର ପ୍ରଭାବ ସମ୍ପର୍କିତ ଏକ ନାଟକରେ ପିଲାମାନେ ନିଖୁଣ ଅଭିନୟ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବଦ୍ରି ନାରାୟଣ ବିଶ୍ୱାଳ ନାଟକଟି ଲେଖିବା ସହ ନିର୍ଦ୍ଦେଶନା ଦେଇଥିଲେ। ସେ ଜିଲା ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଶ୍ରେଷ୍ଠ ନାଟ୍ୟ ଲେଖକ ଭାବେ ପୁରସ୍କୃତ ହୋଇଛନ୍ତି।

# ଯୋଗ୍ୟ ହିତାଧିକାରୀ ଚିହ୍ନଟକରଣ ଶିବିର

ଜୟପୁର,୧୨ା୯(ପବନ ପାଣିଗ୍ରାହୀ)

ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ ଚିହ୍ନଟୀକରଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଜୟପୁର ବ୍ଲକ୍ ତରଫରୁ ଏହି ଶିବିର ଆୟୋଜିତ ହୋଇଥିଲା । ଜୟପୁର ବ୍ଲକ୍ ଅନ୍ତର୍ଗତ ଟାଙ୍କୁଆ ଓ ଡଙ୍ଗରଛିଞ୍ଚି ପଞ୍ଚାୟତରେ ଏହି ଶିବିର ଅନୁଷ୍ଠିତ ହୋଇଛି । ଟାଙ୍କୁଆରେ ୮୦ ଓ ଡଙ୍ଗରଛିଞ୍ଚିରେ ୬୭ ନୂତନ ହିତାଧିକାରୀଙ୍କୁ ଚୟନ କରାଯାଇଛି। ଜୟପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିଶାଙ୍କ ଉପସ୍ଥିତିରେ ଚୟନ କରାଯାଇଛି । ଏହି ଶିବିର ଦ୍ୱାରା ଯୋଗ୍ୟ ହିତାଧିକାରୀମାନେ ଉପକୃତ ହୋଇପାରିବେ ବୋଲି ବ୍ଲକ୍ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି ।

# ଉଚ୍ଚ ଶିକ୍ଷା ପାଇଁ ୬ ମେଧାବୀଙ୍କୁ ଜିଲାପାଳଙ୍କ ସହାୟତା


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଛାତ୍ରୀଛାତ୍ର।

କୋରାପୁଟ,୧୨ା୯(ଅମିତାଭ ବେହେରା)

କୋରାପୁଟ ଜିଲାର ମେଧାବୀ ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷା ପାଇଁ ସାହାଯ୍ୟର ହାତ ବଢ଼ାଇଲେ ଜିଲାପାଳ । ୬ ମେଧାବୀ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ନିମନ୍ତେ କଲେଜରେ ଆଡ୍‌ମିଶନ କରିବା ପରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ଭି. କୀର୍ତ୍ତିଭାସନଙ୍କୁ ସାକ୍ଷାତକରି ଧନ୍ୟବାଦ ଜଣାଇଛନ୍ତି। ସେହିପରି ସହାୟତା କରିଥିବା ବଦାନ୍ୟ ବ୍ୟକ୍ତିଙ୍କୁ ଛାତ୍ରୀଛାତ୍ର ଧନ୍ୟବାଦ ଜଣାଇଛନ୍ତି।

ଜୟପୁରସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରୁ ୬ ଜଣ ଛାତ୍ରୀଛାତ୍ର ବ୍ରାହ୍ମଣୀପୁଟ ହାଇସ୍କୁଲରେ ମାଗଣାରେ ୩ ମାସ ପାଇଁ ଜେଇ ପରୀକ୍ଷା ନିମନ୍ତେ କୋଚିଂ ନେଇଥିଲେ । ସେଠାରୁ କୋଚିଂ ନେଇ ଛାତ୍ରୀଛାତ୍ର ଜେଇ ଏଣ୍ଟ୍ରାନ୍ସରେ ଭଲ ର୍‍ୟାଙ୍କ ରଖି ଓଡ଼ିଶାର ଭଲ କଲେଜରେ ପାଠ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। କିନ୍ତୁ ଅର୍ଥ ବାଧକ ସାଜିଥିବାରୁ ଛାତ୍ରୀଛାତ୍ର କୋରାପୁଟ କଲେଜ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ତନ୍ତୀ ଓ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଯାନୀ ଓ ପ୍ରହ୍ଲାଦ ପେଣ୍ଟିଆଙ୍କୁ ସାକ୍ଷାତ କରି ଦୁଃଖ ଜଣାଇଥିଲେ । ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ନିଜେ କିଛି ଅର୍ଥ ସାହାଯ୍ୟ କରିବା ସହିତ ଆଉ କିଛି ସାହାଯ୍ୟର ହାତ ବଢ଼ାଇବା ପାଇଁ ଜିଲାପାଳଙ୍କ ସମେତ ବଦାନ୍ୟ ବ୍ୟକ୍ତିଙ୍କୁ ଅନୁରୋଧ କରିଥିଲେ । ଜିଲାପାଳଙ୍କ ସମେତ ବଦାନ୍ୟ ବ୍ୟକ୍ତିଙ୍କ ସହାୟତା ଯୋଗୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ଭଲ କଲେଜରେ ଆଡମିଶନ କରିବା ପାଇଁ ସୁଯୋଗ ପାଇଛନ୍ତି । ତେଣୁ ଜିଲାପାଳଙ୍କ ସମେତ ବଦାନ୍ୟ ବ୍ୟକ୍ତିଙ୍କୁ ଛାତ୍ରୀଛାତ୍ର ଧନ୍ୟବାଦ ଜଣାଇବା ସହିତ ଭବିଷ୍ୟତରେ ଜଣେ ଉଚ୍ଚ ଶିକ୍ଷିତ ହୋଇ କୋରାପୁଟ ଜିଲାର ଟେକ ରଖିବେ ବୋଲି କହିଛନ୍ତି।

# ଅକ୍ଟୋବର ୨୨ରେ ସୁନାବେଡା ଟ୍ରକ୍ ଆଣ୍ଡ ଟିପ୍ପର ମାଲିକ ସଂଘ ନିର୍ବାଚନ

ସୁନାବେଡା,ସେମିଳିଗୁଡା, ୧୨ା୯ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଆସନ୍ତା ଅକ୍ଟୋବର ୨୨ରେ ସୁନାବେଡା ଟ୍ରକ୍ ଆଣ୍ଡ ଟିପ୍ପର ମାଲିକ ସଂଘ ନିର୍ବାଚନ ହେବ ବୋଲି ସଂଘ ପକ୍ଷରୁ ନୋଟିସ ଜାରି କରାଯାଇଛି।

ପ୍ରକାଶଯେ, ସଂଘର କେତେକ ସଦସ୍ୟ କୋରାପୁଟ ଜିଲାପାଳଙ୍କୁ ଭେଟି ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଦୀର୍ଘଦିନ ଧରି ନିର୍ବାଚନ ପ୍ରକ୍ରିୟା ବନ୍ଦ ଥିବା କହିଥିଲେ। ଗତ ୩ ତାରିଖରେ କୋରାପୁଟ ଅତିରିକ୍ତ ଜିଲାପାଳ ପତ୍ର ସଂଖ୍ୟା ୮୩୯/୨୪ ରେ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଆରକ୍ଷୀ ଅଧିକ୍ଷକ ସୁନାବେଡା ଏସ୍‌ଡିପିଓ ମନୋବ୍ରତା ଶତପଥୀଙ୍କୁ ଉଭୟ ପକ୍ଷଙ୍କ ସହ ଆଲୋଚନା କରି ବିବାଦର ସମାଧାନ କରିବାକୁ କହିଥିଲେ। ଏସ୍‌ଡିପିଓ ଶତପଥୀ ୮ ତାରିଖରେ ଉଭୟ ପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସଂଘ ସଭାପତି ତ୍ରିନାଥ କଣ୍ଡା ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ସୁନାବେଡା ଟ୍ରକ ଓ ଟିପ୍ପର ସଂଘ ନିର୍ବାଚନ କିପରି ଶାନ୍ତିଶୃଙ୍ଖଳା ସହ ସମାପ୍ତ ହେବ ସେ ନେଇ ପୋଲିସ ପ୍ରଶାସନ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ଏସ୍‌ଡିପିଓ ଶତପଥୀ ସୂଚନା ଦେଇଛନ୍ତି ।

# ଆୟୁଷ ନିର୍ଦ୍ଦେଶକଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ

- ଜଣେ ବ୍ୟକ୍ତିଙ୍କର ୩ ଚାକିରି ମାମଲା
- ଜାଲିଆତି ଧରିଲେ ଡିଏମ୍‌ଓ

ସୁନାବେଡ଼ା,୧୨ା୯(କୃତ୍ତିବାସ ପ୍ରଧାନ)

ଅରବିନ୍ଦ ପଣ୍ଡା ନାମକ ଜଣେ ବ୍ୟକ୍ତି କୋରାପୁଟ ଜିଲା ହାଲ୍‌ରେ ସ୍ଥାୟୀ କର୍ମଚାରୀ ଥାଇ ମଧ୍ୟ ଜିଲାର ନନ୍ଦିଗାଁ ଆୟୁଷ୍ ହେଲ୍‌ଥ ଆଣ୍ଡ ୱେଲ୍‌ନେସ୍ ସେଣ୍ଟର(ଏଏଚ୍‌ଡବ୍ଲୁସି) ଓ ଦଶମନ୍ତପୁର ସିଏଚ୍‌ସିରେ ଯୋଗଗୁରୁ ଭାବେ ନିଯୁକ୍ତି ପାଇଥିଲେ। ଏହି ଜାଲିଆତି ଘଟଣାର ତଦନ୍ତକରି ରାୟଗଡ଼ା ଜିଲା ଆୟୁଷ ମେଡିକାଲ ଅଫିସର(ଡିଏମ୍‌ଓ) କାଶୀ ବିଶ୍ୱନାଥ ସୋରେନ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଗୁରୁବାର ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି।

ସେ ରିପୋର୍ଟରେ ଅରବିନ୍ଦ ହାଲ୍ କାରଖାନା ସୁନାବେଡ଼ାରେ ଚିଫ୍ ସୁପରଭାଇଜର ଭାବେ ୨୦୦୫ ମାର୍ଚ୍ଚ ୨୮ ରୁ କାମକରି ଆସୁଛନ୍ତି। ଏଥିସହ ୨୩।୧।୨୩ରୁ ୩୧।୩।୨୩ ପର୍ଯ୍ୟନ୍ତ ଏଏଚ୍‌ଡବ୍ଲୁସି ନନ୍ଦିଗାଁରେ ଓ ୧।୧୧।୨୨ରୁ ୨୩।୨।୨୪ ପର୍ଯ୍ୟନ୍ତ ଦଶମନ୍ତପୁର ସିଏଚ୍‌ସିରେ ଯୋଗଗୁରୁ ଭାବେ ନିଯୁକ୍ତି ପାଇ ଯୋଗଶିକ୍ଷା ଦେଉଥିଲେ । ପରେ ପୁଣି ସେ କୋରାପୁଟ ଜିଲା ସେମିଳିଗୁଡ଼ା ଆୟୁର୍ବେଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଶିକ୍ଷକ ନିମନ୍ତେ ଚୟନ ହୋଇଥିବା ଉଲ୍ଲେଖ କରିଛନ୍ତି।

ନନ୍ଦପୁର ଅଞ୍ଚଳର ଗୋପାଳ ମହାନ୍ତି ଯୋଗଗୁରୁ ପରୀକ୍ଷାରେ ପାସ୍ କରିଥିଲେ ସୁଦ୍ଧା ନିଯୁକ୍ତି ପାଇବାରୁ ବଞ୍ଚିତ ହେବାପରେ ସେ ସ୍ଥାନୀୟ ଅଞ୍ଚଳର ଏକ ପୋର୍ଟାଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଏହାକୁ ଆଧାରକରି ଜୁଲାଇ ୫ ରେ ଧରିତ୍ରୀରେ ‘ଜଣେ ଲୋକ, ଚାକିରି ୩’ ଶିରୋନାମାରେ ଏକ ଖବର ପ୍ରକାଶ ପାଇଥିଲା। ପରେ ରାୟଗଡା ଆୟୁର୍ବେଦ ମେଡିକାଲ ଅଫିସର ହାଲ୍‌କୁ ଏ ନେଇ କୈଫିୟତ ତଲବ କରିଥିଲେ। ‘ହାଲ୍‌କୁ ରିପୋର୍ଟ ମାଗିଲେ ରାୟଗଡ଼ା ଆୟୁର୍ବେଦ ମେଡିକାଲ ଅଫିସର’ ଶୀର୍ଷକ ଖବର ଗତ ଅଗଷ୍ଟ ୪ ରେ ପ୍ରକାଶ ପାଇଥିଲା। ଏହି କ୍ରମରେ ଗୁରୁବାର ମେଡ଼ିକାଲ ଅଫିସର ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ରିପୋର୍ଟ ଆୟୁଷ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଛନ୍ତି।


Email-iarc.rgda@gmail.com
Phone No. 06856-291082

OFFICE OF THE
DISTRICT AYURVEDA MEDICAL OFFICER:
RAYAGADA CIRCLE: RAYAGADA-765002

Letter No. 705 /DAMO, RGDA Dt. 12.08.2024

To

The Director,
AYUSH., Odisha, Bhubaneswar

Sub:- Grievance lodged by @ TrsharkantaMo 18 through Swasthya Samadhan Portal vide Registration No.C4117 dated 03.07.2024& grievance received through this Directorate e-mail dated 06.07.2024

Ref:- Letter No.4303 /D.AYUSH., dt.11.07.2024 of the Director, AYUSH., Odisha, Bhubaneswar

Sir,

In inviting a reference to your letter No. and date on the subject cited above, I am to enclose herewith the details with supporting documents after making a inquiry in to the matter regarding grievance lodged by @ TrsharkantaMo 18 through Swasthya Samadhan Portal vide Registration No.C4117 dated 03.07.2024& grievance received through your Directorate e-mail dated 06.07.2024.

This is for favour of your kind information and necessary action.

1. Aurovindo Panda , S/o Govinda Chandra Panda is working as Chief Supervisor in HAL, Koraput Division since 28.03.2005 (xerox copy of letter No.7651/2024/582 dt.29.07.2024 of HAL, Koraput is enclosed)
2. Aurovindo Panda , S/o Govinda Chandra Pandaworked from 01.11.2022 to 23.02.2024 as Yoga Instructor at CHC., Dasamantpur under the CDM & PHO., Koraput (xerox copy attached)
3. Aurovindo Panda , S/o Govinda Chandra Panda also worked from 23.01.2023 to 31.03.2023 as Yoga Instructor in morning hours 8.30 to 10.30 at AHWC (GHD) Nandigaon, Dist. Koraput under the DHMO., Koraput (xerox copy attached)

Enc:- As above.

Yours faithfully,

District Ayurveda Medical Officer
Rayagada Circle, Rayagada

ସୂଚନାଯୋଗ୍ୟ, ଗତ ଫେବୃୟାରୀ ୨୬ ରେ ଆୟୁଷ ନିର୍ଦ୍ଦେଶକଙ୍କ ଚିଠି ନଂ. ୧୫୩୩ରେ ଜିଲା ଆୟୁର୍ବେଦ ମେଡ଼ିକାଲ ଅଫିସର କାର୍ଯ୍ୟାଳୟ କୋରାପୁଟରେ ଯୋଗଗୁରୁ ନିଯୁକ୍ତିକୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯୋଗଗୁରୁ ପ୍ରଶିକ୍ଷଣ ନେଇ ସ୍ୱୀକୃତି ପାଇଥିବା ବହୁ ପ୍ରାର୍ଥୀ ଏଥିପାଇଁ ଆବେଦନ କରିଥିଲେ। ପରେ ଯୋଗ୍ୟତା ଅନୁସାରେ ମାର୍ଚ୍ଚ ୧୧ରେ ବିଭାଗ ଦ୍ୱାରା ଚିଠା ନଂ. ୨୭୦/୦୮ରେ ଆବେଦନ କରିଥିବା ୮ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣ ନିଯୁକ୍ତି ପାଇଥିଲେ। ସେଥିରେ ହାଲ୍‌ରେ ଚାକିରି କରୁଥିବା କର୍ମଚାରୀ ଅରବିନ୍ଦ ପଣ୍ଡା ମଧ୍ୟ ନିଯୁକ୍ତି ପାଇଥିଲେ। ଏ ସମ୍ପର୍କରେ ଅଭିଯୋଗ କରିଥିଲେ ରାୟଗଡା ଜିଲା ଆୟୁର୍ବେଦ ମେଡ଼ିକାଲ ଅଫିସର (ଡିଏମ୍‌ଓ) କାଶୀ ବିଶ୍ୱନାଥ ସୋରେନ। ଆଶାୟୀଙ୍କ ମଧ୍ୟରୁ କେତେଜଣ ପ୍ରାର୍ଥୀ ଏ ନେଇ ସୋରେନଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ନିଜେ ଅରବିନ୍ଦ ଆବେଦନ କରିଥିବା କାଗଜପତ୍ରର ଯାଞ୍ଚ କରିଥିଲେ। ସେ ନିଯୁକ୍ତି ନିୟମ ପ୍ରକାରେ ଦାଖଲ କରିଥିବା ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ପାସ୍, ଯୋଗ ପ୍ରଶିକ୍ଷଣ ପ୍ରମାଣପତ୍ର ଓ ସ୍ଥାନୀୟ ବାସିନ୍ଦା ପ୍ରମାଣପତ୍ର ସହ ଅଭିଜ୍ଞତା ପ୍ରମାଣପତ୍ର ଦାଖଲ କରିଥିଲେ। ସେଥିରେ ସେ ଜାଣିବାକୁ ପାଇଥିଲେ, ଅରବିନ୍ଦ ସୁନାବେଡ଼ା ହାଲ୍‌ର ସ୍ଥାୟୀ କର୍ମଚାରୀ। ପ୍ରମାଣପତ୍ର ଯାଞ୍ଚ ବେଳେ ପଣ୍ଡା ହାଲ୍‌ର ନିୟମିତ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବାର କୌଣସି ତଥ୍ୟ ଦେଇ ନ ଥିଲେ କିମ୍ବା କର୍ତ୍ତୃପକ୍ଷଙ୍କ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ୍ ମଧ୍ୟ ଦାଖଲ କରି ନ ଥିଲେ। ପଣ୍ଡା ଦେଇଥିବା ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଗୁରୁ ଭାବେ କାର୍ଯ୍ୟ କରିଥିବା ଅଭିଜ୍ଞତା ପ୍ରମାଣପତ୍ରର ଯାଞ୍ଚ କରିଥିବା ସୋରେନ କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ସରକାରୀ ଚାକିରିରେ ଥାଇ କିପରି ଅରବିନ୍ଦ ସମାନ୍ତରାଳ ଭାବେ ଆଉ ଦୁଇଟି ସଂସ୍ଥାରେ କାର୍ଯ୍ୟ କରୁଥିଲେ ତାହା ତଦନ୍ତ ସାପେକ୍ଷ ।

